## ସଂକ୍ଷେପରେ

### ଦେଶୀ ମଦ ଜବତ, ଜଣେ ଗିରଫ

ଜୟପୁର, ୧୬।୫ (ପବନ ପାଣିଗ୍ରାହୀ)

ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚାରୀମାନେ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି। ସେ ହେଲେ ନୁଆପୁଟ ଗ୍ରାମର ପଦଲାମ ଚଲାଣ (୬୦)। ସେ ଚୋରାରେ ମଦ ନେଉଥିବା ସୂଚନା ପାଇ କର୍ମଚାରୀମାନେ ଚଢାଉ କରି ତାଙ୍କୁ ଧରିଥିଲେ। ତାଙ୍କଠାରୁ ୯ ଲିଟର ଦେଶୀ ମଦ ଜବତ ହୋଇଥିବା ଓଆଇସି ନିଳାଦ୍ରୀ ବିହାରୀ ମିଶ୍ର କହିଛନ୍ତି।

### ଜୁନ୍ ୨୩ରେ ବୈଶାଖୀର ସାରସ୍ୱତ ସମାରୋହ

ନନ୍ଦପୁର, ୧୬।୩ (ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଅଞ୍ଚଳରେ ଭାଷା ଓ ସାହିତ୍ୟର ସୁରକ୍ଷା ଲାଗି କାର୍ଯ୍ୟରତ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସେବାସଂସଦର ଏକ ବୈଠକ ଶନିବାର ପୂର୍ତ୍ତବିଭାଗ ଡାକ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ସଭାପତି ରାଜେନ୍ଦ୍ର ପାଢୀ ସଭାପତିତ୍ୱ କରିଥିଲେ। ସଂସଦ ସମ୍ପାଦକ ବିଚିତ୍ରାନନ୍ଦ ପଣ୍ଡା, କାର୍ଯ୍ୟକାରୀ ସଭାପତି ଗୁନେସ ପାତ୍ର, ଉପ ସଭାପତି ଶତ୍ରୁଘନ ହିକାବାଡ଼ି, ଯୁଗ୍ମ ସମ୍ପାଦକ ତୁଷାରକାନ୍ତ ମହାନ୍ତି, ସାଙ୍ଗଠନିକ ସମ୍ପାଦକ ତ୍ରିନାଥ ଖରା, ଆବାହକ ଭଗବାନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସର୍ବସମ୍ମତିକ୍ରମେ ଆସନ୍ତା ଜୁନ ୨୩ରେ ସିମାଦ୍ରୀ ମଣ୍ଡପଠାରେ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

### ସଂକୀର୍ତ୍ତନ ମଣ୍ଡଳୀଙ୍କୁ ବାଦ୍ୟଯନ୍ତ୍ର ପ୍ରଦାନ

ଜୟପୁର, ୧୬।୩(ପବନ ପାଣିଗ୍ରାହୀ)

ଜନଜାତି ସମାଜ ଦ୍ୱାରା ପରିଚାଳିତ ଜୟପୁରର ୫୦ଟି ସଂକୀର୍ତ୍ତନ ମଣ୍ଡଳୀକୁ ପାରମ୍ପରିକ ବାଦ୍ୟଯନ୍ତ୍ର ବଣ୍ଟନ କରାଯାଇଛି। ବ୍ଲକ୍ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ତାରାପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେମାନଙ୍କୁ ଏହି ସାମଗ୍ରୀ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ତିଲୋତ୍ତମା ମୁଦୁଲି, ବିଡିଓ ଶକ୍ତି ମହାପାତ୍ର, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଆଭା ପ୍ରଧାନ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ କେ.ଏସ୍. ନିଶା, ଏସ୍ଡିସି ସଦସ୍ୟ ଟଙ୍କଧର ହାଲବା, ବୈଦ୍ୟନାଥ ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

### ରୋଟାରି ଭବନ ଉଦ୍‌ଘାଟନ କଲେ ଜିଲା ଗଭର୍ନର

ଜୟପୁର, ୧୬।୩ (ପବନ ପାଣିଗ୍ରାହୀ)

ଜୟପୁର ଗସ୍ତରେ ଆସିଥିବା ଜିଲା ଗଭର୍ନର ଜୟଶ୍ରୀ ମହାନ୍ତି ହାଟପଦାଠାରେ ରୋଟାରି କ୍ଲବ୍‌ର ନବୀକରଣ ହୋଇଥିବା ରୋଟାରି ଭବନକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ଚକ୍ଷୁ ହସ୍ପିଟାଲ, ବୃକ୍ଷରୋପଣ ଆଦି ପରିଦର୍ଶନ କରିଥିଲେ। ପରେ ବୋଦିକା ଲନ୍‌ଠାରେ ଏକ ବୈଠକ ହୋଇଥିଲା। ସଭାପତି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଓ ସମ୍ପାଦକ ଉପସ୍ଥିତ ଥିଲେ। ସଭାପତି ପଟ୍ଟନାୟକ ରୋଟାରି କ୍ଲବ୍ ପକ୍ଷରୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଗଭର୍ନର ମହାନ୍ତିଙ୍କୁ ଅବଗତ କରାଇଥିଲେ। ସୂଚନାଯୋଗ୍ୟ, ରୋଟାରିଆନମାନେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ବୃକ୍ଷରୋପଣ, ଚକ୍ଷୁ ଚିକିତ୍ସା ଶିବିର, ଗରିବ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଉପକରଣ ପ୍ରଦାନ, ରୋଗୀ ସେବା ଆଦି କରିଥାନ୍ତି। ବୈଠକରେ ନୂତନ ସଦସ୍ୟ ଭାବେ ଉଷା ହସ୍ପିଟାଲର ଡାକ୍ତର ଭେଙ୍କଟ ଉପସ୍ଥିତ ଥିଲେ।

### 'ମୋ ଭୋଟ ମୋ ଅଧିକାର' ସଚେତନତା ଶିବିର

ନନ୍ଦପୁର, ୧୬।୩(ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ସଦରସ୍ଥିତ ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ 'ମୋର ପ୍ରଥମ ଭୋଟ ସଚେତନତା' କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅମର ମହାପାତ୍ର ଛାତ୍ରୀଛାତ୍ରଙ୍କୁ ଭୋଟର ମହତ୍ତ୍ୱ, ଭୋଟରଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ବୁଝାଇଥିଲେ। ପ୍ରଥମକରି ଯେଉଁ ଛାତ୍ରୀଛାତ୍ରମାନେ ଭୋଟ ଦେବେ ସେମାନେ ନିରପେକ୍ଷ ମତଦାନ କରିବାକୁ ସେ ପରାମର୍ଶ ଦେଇଥିଲେ। ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା ନିଜର ମୌଳିକ ଅଧିକାର ଅକ୍ଷୁଣ୍ଣ ରଖି ଉପଯୁକ୍ତ ପ୍ରାର୍ଥୀ ଚୟନ କରିବାକୁ ପରାମର୍ଶ ଦେଇଥିଲେ। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ସନ୍ତୋଷ ହନ୍ତାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁବ ରେଡ୍‌କ୍ରସ୍ ପରାମର୍ଶଦାତା ଭଗବାନ ଖରା, ବରିଷ୍ଠ ଅଧ୍ୟାପିକା ସ୍ନେହଲତା ସେଠୀ, ଏମ୍. ଜୟା, ସୁରଭି ପାଣିଗ୍ରାହୀ, ଅର୍ଚ୍ଚନା ପାଢ଼ୀ, ବାବୁଲା ଚାଙ୍ଗୁଡ଼ିଆ, ସନ୍ତୋଷ ଦୋରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# କଂଗ୍ରେସର ଟିକେଟ ବଣ୍ଟନ ପୂର୍ବରୁ ଦାନା ବାନ୍ଧୁଛି ଅସନ୍ତୋଷ

ପଟାଙ୍ଗି, ୧୬।୩(ଶରତ ଧଳ)

ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ଦଳୀୟ କର୍ମୀ ଓ ସମର୍ଥକଙ୍କ ମଧ୍ୟରେ ସେତିକି ଉତ୍କଣ୍ଠା ବଢୁଛି। ଟିକେଟ ପାଇବା ନେଇ ଆଶାୟୀଙ୍କ ମଧ୍ୟରେ ବି ଚିନ୍ତା ବଢୁଛି। ଅନ୍ୟ ନିର୍ବାଚନମଣ୍ଡଳୀର ନେତା ନିଜ ନିର୍ବାଚନମଣ୍ଡଳୀ ସମ୍ପର୍କରେ ଚିନ୍ତା ନ କରି ପଡ଼ୋଶୀ ନିର୍ବାଚନମଣ୍ଡଳୀରେ ମୁଣ୍ଡ ପୂରାଇବା କର୍ମୀ ଓ ସମର୍ଥକଙ୍କ ଅସନ୍ତୋଷର କାରଣ ହୋଇଛି। ଏପରି ଦେଖିବାକୁ ମିଳୁଛି କୋରାପୁଟ ଜିଲା ପଟାଙ୍ଗି ନିର୍ବାଚନମଣ୍ଡଳୀରେ।

ଏହି ନିର୍ବାଚନମଣ୍ଡଳୀ ଆଦିବାସୀଙ୍କ ପାଇଁ ସଂରକ୍ଷିତ ଆସନ। ଏକଦା ଏହା କଂଗ୍ରେସର ଗଡ଼ ଥିଲା। କଂଗ୍ରେସ ଗଡ଼ ଭାଙ୍ଗି ବିଜେଡି ପ୍ରାର୍ଥୀ ଏଠାରୁ ଦୁଇଦୁଇ ଥର ନିର୍ବାଚିତ ହେଲେଣି। ଏପରି ସ୍ଥିତିରେ ଏବେ କଂଗ୍ରେସ ନିଜ କର୍ମୀଙ୍କ ମନୋବଳ ଦୃଢ କରିବାକୁ ପଞ୍ଚାୟତ ପ୍ରତିନିଧିମାନଙ୍କ ସହଯୋଗରେ ବୁଥ୍ ସ୍ତରରୁ ବ୍ଲକ୍‌ସ୍ତର ପର୍ଯ୍ୟନ୍ତ ଦଳକୁ ସଙ୍ଗଠିତ କରୁଥିବା ଦେଖିବାକୁ ମିଳୁଛି। ଲୋକ ସଭା ଓ ବିଧାନସଭା ନିର୍ବାଚନରେ କିପରି ଦଳକୁ ସଫଳତା ମିଳିବ ସେନେଇ କର୍ମୀ ଏବଂ ଆଶାୟୀ ବିଧାୟକ ପ୍ରାର୍ଥୀଙ୍କ ସମର୍ଥକମାନେ ନିଜ ନିଜ ସ୍ତରରେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରି ନିର୍ବାଚନମଣ୍ଡଳୀକୁ ସଜାଡ଼ିବାରେ ଲାଗିଛନ୍ତି। ପଡୋଶୀ ନିର୍ବାଚନମଣ୍ଡଳୀର ରାଜନେତାମାନେ ନିଜ ନିର୍ବାଚନମଣ୍ଡଳୀ ବିଷୟ ଚିନ୍ତା ନ କରି ରାଜ୍ୟ ଦଳୀୟ କାର୍ଯ୍ୟାଳୟରେ ପଦାଧିକାରୀଙ୍କୁ ଭୁଲ୍ ତଥ୍ୟ ଦେଉଛନ୍ତି। ଏହା ହେଲେ ଏହି ନିର୍ବାଚନମଣ୍ଡଳୀରେ କଂଗ୍ରେସକୁ ହରାଇବାକୁ ଯେଉଁ ପଦକ୍ଷେପ ନିଆଯାଉଛି ତାହା ଠିକ୍ ନୁହେଁ ବୋଲି କର୍ମୀ ଓ ସମର୍ଥକମାନେ ପ୍ରକାଶ କରି ଏଥିପାଇଁ ଦଳକୁ କ୍ଷତି ସହିବାକୁ ପଡ଼ିବ। ଦଳ ନିର୍ବାଚନମଣ୍ଡଳୀରେ ଅସ୍ତିତ୍ୱ ହରାଇବ ବୋଲି କହିଛନ୍ତି। ଦଳର ରାଜ୍ୟ ପଦାଧିକାରୀଙ୍କୁ ଅନ୍ଧାରରେ ରଖି କରାଯାଉଥିବା କାର୍ଯ୍ୟ କେବେ ସଫଳ ହେବନାହିଁ। ନିର୍ବାଚନିମଣ୍ଡଳୀରେ କିଏ ଦଳୀୟ ପ୍ରାର୍ଥୀ ହେବେ ତାହା ବ୍ଲକ ସଭାପତି, କର୍ମୀ, ସଙ୍ଗଠକ ଓ ଜିଲା ସଭାପତି ଚିନ୍ତା କରିବା ଉଚିତ ବୋଲି ମତ ପ୍ରକାଶ ପାଉଛି। ଅନ୍ୟପକ୍ଷରେ ୨୦୧୪ ଓ ୨୦୧୯ରେ କଂଗ୍ରେସ ପ୍ରାର୍ଥୀ ଏଠାରେ ହାରିବା ପରଠାରୁ ଗତ ୧୦ବର୍ଷ ମଧ୍ୟରେ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ ଏବଂ ସେବାଦଳର ଜିଲା ସହ ସଙ୍ଗଠକ ଗୋବିନ୍ଦ ଖରା ସଙ୍ଗଠନକରି ପ୍ରତି ଗ୍ରାମରେ ଲୋକଙ୍କ ପାଖରେ ପହଞ୍ଚି ଦଳକୁ ସୁଦୃଢ କରିଛନ୍ତି। ସେମାନଙ୍କ ଅବଦାନକୁ ଦଳ ଅଣଦେଖା କରିବା ଉଚିତ ହେବନାହିଁ। ଏ ସମ୍ପର୍କରେ କଂଗ୍ରେସ ଜିଲା ସଭାପତି ଶଶୀ ଭୂଷଣ ପାତ୍ରଙ୍କୁ ପଚାରିବାରୁ ସେ କହିଲେ, ଶୁକ୍ରବାର ଜିଲା କାର୍ଯ୍ୟାଳୟକୁ ଆସି ରାଜ୍ୟ ସମ୍ପାଦକ ସମୀକ୍ଷାକରି ଫେରିଛନ୍ତି। ସେମାନେ ଯାହା ଆଲୋଚନା କରି ପଦକ୍ଷେପ ନେବେ। ଦଳରେ ସ୍ଥାୟୀ ସଦସ୍ୟ ହୋଇ ନ ଥିବା କେତେକଙ୍କୁ ନେଇ ଦଳର ରାଜନେତାମାନେ କରୁଥିବା ରାଜନୀତି ବିଷୟରେ ତାଙ୍କ ଦୃଷ୍ଟିକୁ ଅଣାଯିବାରୁ ସଭାପତି ପାତ୍ର ଏହାକୁ ଏଡାଇଯାଇଥିଲେ। ଯଦି ଦଳରେ ନେତାଙ୍କ ମଧ୍ୟରେ ଏପରି ମନୋଭାବ ଲାଗି ରହିବ ତେବେ ଆଗାମୀ ନିର୍ବାଚନରେ ଏଥିରୁ ଅନ୍ୟ ଦଳ ଫାଇଦା ଉଠାଇବ ବୋଲି ସାଧାରଣରେ ଆଲୋଚନା ହେଉଛି।

## ଟାର୍ଗେଟ ପୂରଣ ପାଇଁ ଏପରି ରାତିଅଧିଆ କାର୍ଯ୍ୟ



ରାସ୍ତା କାର୍ଯ୍ୟରେ ବ୍ୟବହୃତ ବଜୁରି ଉଠିଯାଇଛି।

କୋରାପୁଟ, ୧୬।୩(ଅମିତାଭ ବେହେରା)

ନିର୍ବାଚନ ପୂର୍ବରୁ କୋରାପୁଟ ରାସ୍ତା ଓ ଗୃହ ବିଭାଜନ ପକ୍ଷରୁ କୋରାପୁଟ ସହରରେ ତରବରିଆ ଭାବେ ରାସ୍ତା କାର୍ଯ୍ୟ ଚାଲିଛି। ସ୍ଥାନୀୟ ଅଞ୍ଚଳର କେତେ ନେତା ଓ ଠିକାଦାରଙ୍କୁ ଫାଇଦା ଦେବାକୁ ଏପରି ରାସ୍ତା କାର୍ଯ୍ୟ କରାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ଏନେଇ ସହରବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପୂର୍ବରୁ କୋରାପୁଟର ବିଭିନ୍ନ ଜାଗାରେ ରାସ୍ତା ଓ ଗୃହ ବିଭାଜନର କାର୍ଯ୍ୟ ଚାଲୁ ରହିଛି। ରାସ୍ତା ଓ ଗୃହ ବିଭାଜନ ଏବେ ଯେଉଁ କାର୍ଯ୍ୟ କରୁଛି ସେସବୁ କାର୍ଯ୍ୟ କରିବାକୁ ଅଞ୍ଚଳବାସୀ ବହୁ ଦିନରୁ ଦାବି କରି ଆସୁଥିଲେ। ମାତ୍ର ରାସ୍ତା ଓ ଗୃହ ବିଭାଜନ ଅଞ୍ଚଳବାସୀଙ୍କ କଥା ଶୁଣୁ ନ ଥିଲା। ଏବେ ନିର୍ବାଚନ ପାଖେଇ ଆସୁଥିବାରୁ ମାର୍ଚ୍ଚ ମାସର ଟାର୍ଗେଟ ପୂରଣ ପାଇଁ ଏପରି ରାତିଅଧିଆ କାର୍ଯ୍ୟ ଚାଲିଛି। ଫଳରେ କାମ ସରିବାର ୨ ଦିନ ନ ହେଉଣୁ ରାସ୍ତାରୁ ପିଚୁ ଉଠିଯାଉଛି। କେତେକ ସ୍ଥାନରେ ବଜୁରି ବାହାରି ଯାଇଥିବା ସହରର ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି। ବିଭାଗ ପକ୍ଷରୁ କୋରାପୁଟ ପୌର ପରିଷଦ ଅଧୀନରେ ହୋଇଥିବା ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲ ରାସ୍ତା, ଚନ୍ଦନ ପୋଖରୀ, ମାଉସୀ ମା ମନ୍ଦିରଠାରୁ ରେଲୱେ ପୋଲ ପର୍ଯ୍ୟନ୍ତ ଯେଉଁ ରାସ୍ତା କାର୍ଯ୍ୟ ହୋଇଛି ସବୁ ସ୍ଥାନର ବଜୁରି ବାହାରିଗଲାଣି। ମାଉସୀ ମା ମନ୍ଦିରଠାରୁ ରେଲୱେ ପୋଲ ପର୍ଯ୍ୟନ୍ତ ହୋଉଥିବା ୨ କ.ମି. ରାସ୍ତା ମରାମତି କାର୍ଯ୍ୟରେ ୩୭ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ବର୍ଷା ଦିନରେ ସେଇ ରାସ୍ତା ତରବରିଆ ଭାବେ କରାଯାଇଥିଲା। ରାସ୍ତା ଓ ଗୃହ ବିଭାଜନରୁ କରାଯାଉଥିବା ସବୁକାର୍ଯ୍ୟ ନିମ୍ନମାନର ବୋଲି ଅଞ୍ଚଳବାସୀ ଆଇନଜୀବୀ ଗୃପକ ତୁରୁକ ଓ ସାମାଜିକ କର୍ମୀ କାମାକ୍ଷା ପାଢ଼ୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀଯନ୍ତ୍ରୀ ସତ୍ୟ ନାରାୟଣ ଖୁରାଙ୍କୁ ପଚାରିବାରୁ ସେ କହିଲେ, ନିର୍ବାଚନକୁ ଦୃଷ୍ଟିରେ ରଖି କରାଯାଉଛି ସେମିତି କିଛି ନାହିଁ। ହେଉଥିବା ଅଭିଯୋଗ ଉପରେ ତଦାରଖ ପାଇଁ ମୁଁ ପରିଦର୍ଶନ କରି ପଦକ୍ଷେପ ନେବି।

## ନେଚର ଟ୍ରାଏଲ ପାର୍କ ଲୋକାର୍ପଣ କଲେ ବିଧାୟକ



ପାର୍କକୁ ଉଦ୍‌ଘାଟନ କରୁଛନ୍ତି ବିଧାୟକ।

ଜୟପୁର, ୧୬।୩ (ପବନ ପାଣିଗ୍ରାହୀ)

ଜୟପୁର ଜିଲା କୋର୍ଟ ନିକଟରେ ପେନାଙ୍ଗି ସଂରକ୍ଷିତ ଜଙ୍ଗଲରେ ହୋଇଥିବା ନେଚର ଟ୍ରାଏଲ ପାର୍କକୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶନିବାର ବିଧାୟକ ତାରାପ୍ରସାଦ ବାହିନୀପତି ଲୋକାର୍ପଣ କରିଛନ୍ତି। ସେହିପରି ସୌରାସାହି ବସନ୍ତାୟୀ ମନ୍ଦିର ସମ୍ମୁଖରେ ଗୋଷ୍ଠୀ କେନ୍ଦ୍ର ଓ ଡଙ୍ଗାଗୁଡାରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନେଇ ସେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଗତ ୪।୧।୨୨ରେ ବାହିନୀପତି ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବି. ସୁନିତା, ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଡିଏଫଓ ପ୍ରତାପ ବେହେରା, ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡା, ପୌରଯନ୍ତ୍ରୀ ବିଶ୍ୱନାଥ ପାତ୍ର, କନିଷ୍ଠ ଯନ୍ତ୍ରୀ ଅଜୟ ଜାନି, ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ କାଉନସିଲର ରବୀନ୍ଦ୍ର ପ୍ରସାଦ ସାହୁ, ପ୍ରଣବ କିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରିଜାଇଡିଂ, ପୋଲିଂ ଅଧିକାରୀଙ୍କୁ ତାଲିମ ପ୍ରତି ୨ ଘଣ୍ଟାରେ ଥରେ ସୂଚନା ଦେବେ

ଜୟପୁର, ୧୬।୩ (ପବନ ପାଣିଗ୍ରହୀ)

ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାର ୧୪ଟି ବ୍ଲକ୍‌ରେ ସାଧାରଣ ନିର୍ବାଚନ ପରିଚାଳନା ନେଇ ପ୍ରିଜାଇଡିଂ, ପୋଲିଂ ଅଧିକାରୀଙ୍କୁ ଉପରେ ତାଲିମ ଦିଆଯାଇଛି। ଜୟପୁର ବ୍ଲକ୍, ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଓ ସରକାରୀ ଉଚ୍ଚ ବିଦ୍ୟାଳୟରେ ଏହି ତାଲିମ କାର୍ଯ୍ୟକ୍ରମ ହୋଇଥିଲା। ଆସନ୍ତା ୧୯ ତାରିଖ ଯାଏ ଏହା ଚାଲିବ। ଏଥିରେ ଉପଜିଲାପାଳ ପ୍ରଭାତ ପରିଡ଼ା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ମୋନାଲିସା ଆଚାର୍ଯ୍ୟଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ। ନିର୍ବାଚନ ବେଳେ ଭୋଟଦାନ କେନ୍ଦ୍ରରେ ପ୍ରିଜାଇଡିଂ, ପୋଲିଂ ଅଧିକାରୀମାନେ କିପରି ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ ସେନେଇ ସେମାନଙ୍କୁ ଇଭିଏମ୍, ଭିଭିପିଏଟି ମାଧ୍ୟମରେ ତାଲିମ ଦିଆଯାଇଛି। ସେସମୟରେ ପ୍ରିଜାଇଡିଂ, ପୋଲିଂ ଅଧିକାରୀମାନେ ସେକ୍ଟର ଅଫିସରଙ୍କ ସହ ଯୋଗାଯୋଗକରି ପ୍ରତି ୨ ଘଣ୍ଟାରେ ଥରେ ସୂଚନା ଦେବାକୁ ସେମାନଙ୍କୁ ଅବଗତ କରାଯାଇଛି।

## ବନାଗ୍ନି ନିବାରଣ, ନିୟନ୍ତ୍ରଣ ନେଇ ସଭା



ସଚେତନତା ସଭାରେ ଉପସ୍ଥିତ ଅତିଥି।

ଜୟପୁର, ୧୬।୩(ପବନ ପାଣିଗ୍ରାହୀ)

ବନାଗ୍ନି ନିବାରଣ, ନିୟନ୍ତ୍ରଣ ନେଇ ଏକ ସଚେତନତା ସଭା ଏମ୍.ଏସ୍ ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେଶନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଏଫ୍‌ଓ ପ୍ରତାପ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡ଼ାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବନ୍ୟଜନ୍ତୁ ରକ୍ଷକ ରାମନାଥ ସାହୁ, ଗ୍ରାମ ବିକାଶ ସଙ୍ଗଠନର ନିର୍ଦ୍ଦେଶକ ଈଶ୍ୱର ସାବତ, ଫାୟାର ଅଫିସର, ରଣ୍ଡାପାଲି, ବାରିଣିପୁଟ ସରପଞ୍ଚ, ଏସ୍ଏଚ୍‌ଜି ମହିଳା, ବନ ସୁରକ୍ଷା ସମିତି ସଦସ୍ୟମାନେ ଉପସ୍ଥିତ ଥିଲେ। ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷାକରିବା, ବେଷ୍ଟ ଶିକାରଠାରୁ ଦୂରେଇ ରହିବା ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ଫରେଷ୍ଟର ରଞ୍ଜିତା ନାୟକ, ଅରୁଣ ଜେନା ସହଯୋଗ କରିଥିଲେ।

## ବିସ୍ଥାପିତଙ୍କ ମଧ୍ୟରୁ ଜଣକୁ ବିଧାୟକ ପ୍ରାର୍ଥୀ କରିବାକୁ ଆଲୋଚନା

ଲମତାପୁଟ, ୧୬।୩ ( ଭକ୍ତରାମ ବାଙ୍କିଆ)

**ଲମତାପୁଟରେ ୩ ବିସ୍ଥାପିତ ସଂଘ ବୈଠକ**

କୋରାପୁଟ ଜିଲା ଲମତାପୁଟ ବ୍ଲକ ସିନ୍ଧିପୁଟ ଘାଟରେ ଶୁକ୍ରବାର ୩ ବିସ୍ଥାପିତ ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅପର କୋଲାବ ବିସ୍ଥାପିତ ସଂଘ ସଭାପତି ପ୍ରଭାକର ହନ୍ତାଳଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ସୁନାବେଡ଼ା ହାଲ୍ ବିସ୍ଥାପିତ ଓ ମାଛକୁଣ୍ଡ ବିସ୍ଥାପିତ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ୨୦୨୪ ନିର୍ବାଚନ ଅବସରରେ କୋରାପୁଟ ନିର୍ବାଚନମଣ୍ଡଳୀର ପ୍ରାର୍ଥିତ୍ୱକୁ ନେଇ ଆଲୋଚନା ହୋଇଥିଲା। ତିନୋଟି ଯାକ ବିସ୍ଥାପିତ ସଂଘ ସମସ୍ୟା ସମାଧାନ କରିବା ଦିଗରେ ଏ ପର୍ଯ୍ୟନ୍ତ କୌଣସି ବିଧାୟକ ଗୁରୁତ୍ୱ ଦେଇନାହାନ୍ତି। ବିଦେଶୀ ବଙ୍ଗୀୟ ଶରଣାର୍ଥୀଙ୍କୁ ସରକାର ସମସ୍ତ ସୁବିଧା ସୁଯୋଗ ଦେଇ ପରିବାର ପିଛା ଚାଷ ଉପଯୋଗୀ ୬ ଏକର ଓ ଘରଡିହ ବାବଦକୁ ୨୦ ଡେସିମିଲ ପଟ୍ଟାଜମି ପ୍ରଦାନ କରିଛନ୍ତି। ମାତ୍ର ଦେଶର ବିକାଶ ଲାଗି ନିଜ ଭିଟାମାଟି ଛାଡ଼ି ବିସ୍ଥାପନକୁ ଆପଣାଇଥିବା ଲୋକଙ୍କୁ ଚାଷଜମି କିମ୍ବା ଘର ତିଆରି କରିବାକୁ ସରକାର ୪ ଡେସିମିଲ ମଧ ଘରଡିହ ଜମି ଦେଇନାହାନ୍ତି। କୋଲାବ ଡ୍ୟାମ୍ ପ୍ରକଳ୍ପ ଦ୍ୱାରା ୯୭୭୭ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ୩୩୧୮ ପରିବାର ସମ୍ପୂର୍ଣ୍ଣ ବିସ୍ଥାପିତ ହୋଇଛନ୍ତି। ମାତ୍ର ୪୨୪ ପରିବାରର ଲୋକଙ୍କୁ କୋଟପାଡ଼ ତହସିଲରେ ୭ଟି କଲୋନି ବସ୍ତି ତିଆରିକରି ଥଇଥାନ ବ୍ୟବସ୍ଥା କରାଯାଇଛି। ତେଣୁ ବିସ୍ଥାପିତଙ୍କ ମଧ୍ୟରୁ ଜଣକୁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନରେ ଛିଡ଼ା କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ପଢୁଥିବା ଛାତ୍ର ନେତା ଆଦିତ୍ୟ ହନ୍ତାଳଙ୍କୁ କୋରାପୁଟ ନିର୍ବାଚନମଣ୍ଡଳୀର ପ୍ରାର୍ଥୀ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବାକୁ ବୈଠକରେ ସ୍ଥିର ହୋଇଥିଲା। ଆଦିତ୍ୟଙ୍କୁ ଯଦି ବିଜେଡି ଟିକେଟ ମିଳେ ତେବେ କୋଲାବ ସମେତ ହାଲ୍ ବିସ୍ଥାପିତ ଓ ମାଛକୁଣ୍ଡ ବିସ୍ଥାପିତ ସଂଘର ପ୍ରାୟ ୬୦ ହଜାର ଭୋଟରଙ୍କ ସମର୍ଥନ ଦଳୀୟ ପ୍ରାର୍ଥୀଙ୍କୁ ମିଳିବ ବୋଲି ମତପ୍ରକାଶ ପାଇଥିଲା। ଶ୍ୟାମ ସୁନ୍ଦର ନାୟକ ବୈଠକ ପରିଚାଳନା କରିଥିଲେ। ୩ଟି ବିସ୍ଥାପିତ ସଂଘର ମାଧବ ଶିସା, ଧନ ବଡ଼ନାୟକ, ହରି ନାୟକ, ଘେନୁଆ ମୁଦୁଲି, ଲଇଛନ ମୁଦୁଲି, ହାଲ୍ ବିସ୍ଥାପିତ ସଂଘ ସଭାପତି ତ୍ରିଲୋଚନ ମୁଦୁଲି, ହରି ପ୍ରଧାନୀ, ଗୌରଚନ୍ଦ୍ର ଶିସା, ହରି ଗତନ, ଗଡି ମୁଦୁଲି , ଲକ୍ଷ୍ମଣ ପାଙ୍ଗୀଙ୍କ ସହ ୧ ହଜାରରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

## ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହାରକଲେ ଠିକା ଶ୍ରମିକ

ଦାମନଯୋଡ଼ି, ୧୬।୩(ମାନସ ରଞ୍ଜନ କର)

ନବରତ୍ନ କମ୍ପାନୀ ନାଲ୍‌କୋରେ ସିଭିଲ ମେଣ୍ଟେନାନ୍ସର ଠିକାଶ୍ରମିକଙ୍କୁ ୨ମାସ ହେଲା କାମ ଦିଆଯାଉନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ଶ୍ରମିକମାନେ ଧାରଣା ଦେଇଥିଲେ। ଠିକାଦାରଙ୍କ ଟେଣ୍ଡର ଶେଷହେବା ପରେ ନୂତନ ଟେଣ୍ଡର କରାଯାଉନାହିଁ। ଯେଉଁ ଠିକାଦାର କାମ କରୁଛନ୍ତି ତାଙ୍କ ଟେଣ୍ଡର ଅବଧି ବୃଦ୍ଧି ପାଇଁ ବ୍ୟବସ୍ଥା କରାଯାଉଛି। ଏପରି କାର୍ଯ୍ୟର ପ୍ରତିବାଦ କରି ଠିକା ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଖବରପାଇ କୋରାପୁଟ ଆଲୁମିନିୟମ ଶ୍ରମିକ ସଂଘ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ନାଲ୍‌କୋର ନୀତିକୁ ସଂଘ ସଭାପତି ବିଜିତ୍ ଖୋରା ନିନ୍ଦା କରିଥିଲେ। ଶ୍ରମିକମାନଙ୍କ ନିକଟରେ ନାଲ୍‌କୋ ଅଧିକାରୀମାନେ ପହଞ୍ଚି ବୁଝାଶୁଝାକରି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ତେବେ ନାଲ୍‌କୋ ତା'ର ନୀତିରେ ପରିବର୍ତ୍ତନ ନ କଲେ ଆଗାମୀ ଦିନରେ ପୁଣି ଆନ୍ଦୋଳନ କରାଯିବ ବୋଲି ଶ୍ରମିକମାନେ ଚେତାବନୀ ଦେଇଛନ୍ତି। ଏନେଇ ନାଲ୍‌କୋ ସିଭିଲ ବିଭାଗ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେ କହିଲେ, ଟେଣ୍ଡର ଅବଧି ବୃଦ୍ଧି ପାଇଁ କର୍ପୋରେଟ କାର୍ଯ୍ୟାଳୟକୁ ଚିଠି କରାଯାଇଛି। ସେଠାରୁ କୌଣସି ଅନୁମୋଦନ ଏଯାଏ ଆସି ନ ଥିବାରୁ ଏଭଳି ସମସ୍ୟା ଉପୁଜିଥିବା ଡିଜିଏମ୍ ଅର୍ଜ୍ଜୁନ ବାସୁଦେବ କହିଛନ୍ତି। ଅନ୍ୟପକ୍ଷରେ ଟେଣ୍ଡର ଅବଧି ବୃଦ୍ଧି ନେଇ ଅନୁମୋଦନ ଆସି ନ ଥିବାରୁ ରୋଟେସନ କରି ଶ୍ରମିକମାନଙ୍କୁ କାମ ପ୍ରଦାନ କରାଯିବ ବୋଲି ସିଭିଲ ଜିଏମ୍ ଆର୍. ଶିମାରନ କହୁଥିବା ବେଳେ ଏଥିରେ ଶ୍ରମିକମାନେ ରାଜି ହେଉ ନ ଥିବା ଜଣାପଡ଼ିଛି।

## ୪୨ ପରିବାରରୁ ମାତ୍ର ୬ ଜଣଙ୍କୁ ମିଳିଛି ଆବାସ



ଆବାସ ପାଇ ନ ଥିବା ନେଇ ଗ୍ରାମବାସୀ ଅଭିଯୋଗ କରୁଛନ୍ତି ।

ଦଶମନ୍ତପୁର, ୧୬।୩ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍‌ରେ ଆବାସ ଯୋଜନା ଫେଲ୍ ମାରିଛି। ଗ୍ରାମର ୪୨ ପରିବାରରୁ ମାତ୍ର ୬ଜଣଙ୍କୁ ଆବାସ ଯୋଜନାରେ ଗୃହ ମିଳିଛି। ବାରମ୍ବାର ଆବାସ ପାଇଁ ଆବେଦନକରି ନିରାଶ ହେବାରୁ ଶେଷରେ ଗ୍ରାମବାସୀ ଭୋଟ ବର୍ଜନ ପାଇଁ ଚେତାବନୀ ଦେଇଛନ୍ତି। ଏପରି ଦେଖିବାକୁ ମିଳିଛି ଦଶମନ୍ତପୁର ବ୍ଲକ ଗିର୍ଲିଗୁମ୍ମା ପଞ୍ଚାୟତ ବିଜମରା ଗ୍ରାମରେ। ଏହି ଗ୍ରାମରେ ଶୁଣ୍ଡି, କମାର ଏବଂ ଆଦିବାସୀ ସମ୍ପ୍ରଦାୟର ୪୨ ପରିବାର ବାସ କରିଥାନ୍ତି। ଗ୍ରାମବାସୀଙ୍କ କହିବାନୁଯାୟୀ ଗ୍ରାମରେ ୨୦୧୮-୧୯ରେ ୨ଜଣ ହିତାଧିକାରୀଙ୍କୁ ଆବାସ ଗୃହ ମିଳିଥିଲା। ୨୦୨୧-୨୨ରେ ୪ ଜଣ ହିତାଧିକାରୀଙ୍କୁ ଆବାସ ଯୋଜନାରେ ସାମିଲ କରାଯାଇଲେ ମଧ ବଳକା ଅନ୍ୟ ୩୬ ପରିବାରକୁ ଏପର୍ଯ୍ୟନ୍ତ ଆବାସ ମିଳିନାହିଁ। ଆବାସ ଗୃହ ନ ଥିବାରୁ କେତେଜଣ ଲୋକ ବିପଦସଙ୍କୁଳ ଗୃହରେ ଆଶ୍ରୟ ନେଉଛନ୍ତି ବୋଲି ଗ୍ରାମର ବୁଦୁ ମୁଦୁଲି, ବିଦ୍ୟା ବିଶୋୟୀ, ଘାସି ବିଶୋୟୀ, କାମଦେବ ବିଶୋୟୀ, ଶିବ ଜାନି, ଘାସି ଜାନି, ଜୟରାମ ପାଙ୍ଗୀ ମୁଦୁଲି, ଟଙ୍କ କମାର, ବଇଁଶୀ ବିଶୋୟୀଙ୍କ ସହ ଅନ୍ୟମାନେ ପ୍ରକାଶ କରିଛନ୍ତି। ତୁରନ୍ତ ସେମାନଙ୍କୁ ଆବାସ ଯୋଜନାରେ ସାମିଲକରି ଗୃହ ଯୋଗାଇ ନ ଦେଲେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ହଟିଲା ବିଭିନ୍ନ ସ୍ଥାନରୁ ହୋର୍ଡିଂ

ଜୟପୁର/ପଟାଙ୍ଗି/ନନ୍ଦପୁର, ୧୬।୩ (ପବନ ପାଣିଗ୍ରାହୀ/ଶରତ ଧଳ/ଶଙ୍କର ପୂଜାରୀ)

**ଲାଗୁହେଲା ଆଦର୍ଶ ଆଚରଣ ବିଧି**

ସାଧାରଣ ନିର୍ବାଚନ ପାଇଁ ତାରିକ ଘୋଷଣା ହେବାର କିଛି ସମୟ ପରେ ଶନିବାରଠାରୁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ଏହା ଲାଗିବା ପରେ ନେତାମାନେ ଭୋଟର ଙ୍କୁ ଆକୃଷ୍ଟ କରିବାକୁ ଜୟପୁର ସହରରେ ଲାଗିଥିବା ସବୁ ହୋର୍ଡିଂକୁ ପୌର ପ୍ରଶାସନ ହଟାଇଛି। ସହରର ରଜାନହର, ମୁଖ୍ୟ ଟ୍ରାଫିକ ଛକ, ଇନ୍ଦିରା ଛକ ଆଦି ଅଞ୍ଚଳରେ ଲାଗିଥିବା ହୋର୍ଡିଂକୁ ହଟାଯାଇଥିବା ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ କହିଛନ୍ତି।

ସେହିପରି ଲୋକସଭା ଏବଂ ବିଧାନସଭା ନିର୍ବାଚନ ତାରିଖ ଘୋଷଣା ପରେ ପଟାଙ୍ଗିରେ ମଧ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ବିଡିଓ ସୁକାନ୍ତ ପଟ୍ଟନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ଓ ଥାନାଧିକାରୀ ଚତୁର୍ଭୁଜ ନାୟକ ଓ ପୋଲିସ କର୍ମଚାରୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ସରକାରୀ ସ୍ଥାନରେ ଲାଗିଥିବା ରାଜନୈତିକ ବ୍ୟାନର ଓ ପୋଷ୍ଟରକୁ ହଟାଇଛନ୍ତି। ନିର୍ବାଚନ ଘୋଷଣା ପରଠାରୁ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ମଧ ତତ୍ପରତା ପ୍ରକାଶ ପାଇଛି। ଭୋଟରଙ୍କୁ ପ୍ରଭାବିତ କରିବା ପରି ବ୍ୟାନର ନ ଲଗାଇବା ସହ ଭାଷଣ ମାଧ୍ୟମରେ ପ୍ରଲୋଭିତ ନ କରିବାକୁ ରାଜନୈତିକ ଦଳଗୁଡିକୁ ପରାମର୍ଶ ଦିଆଯାଇଛି।

ନନ୍ଦପୁରରେ ଜିଲା ନିର୍ବାଚନ ଅଧିକାରୀ ଜିଲାପାଳ ଭି.କୀର୍ତ୍ତି ଭାସନଙ୍କ ନିର୍ଦ୍ଦେଶରେ ଗ୍ରାମାଞ୍ଚଳ, ରାସ୍ତାକଡ଼, ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡିକରେ ଲାଗିଥିବା ପୋଷ୍ଟର ଓ ବ୍ୟାନର ହଟାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ତହସିଲଦାର ଅନାଦି ଚରଣ ସାହୁ ଫ୍ଲାଇଂ ସ୍କ୍ୱାଡ ଗଠନ କରି ବ୍ଲକ ସଦର ମହକୁମାରେ ଲାଗିଥିବା ବିଭିନ୍ନ ସରକାରୀ ହୋର୍ଡିଂ ହଟାଇଛନ୍ତି। ସରକାରୀ କାର୍ଯ୍ୟାଳୟର ଅଧିକାରୀମାନଙ୍କୁ କାର୍ଯ୍ୟାଳୟଗୁଡିକରେ ଲାଗିଥିବା ସମସ୍ତ ସରକାରୀ ଯୋଜନା ସମ୍ବଳିତ ପୋଷ୍ଟର ହୋର୍ଡ଼ିଂ ହଟେଇବାକୁ ନିର୍ଦ୍ଦେଶ ଦେଇଛନ୍ତି।





ନିର୍ବାଚନ ତାରିଖ ଘୋଷଣା ପରେ ଜୟପୁର, ନନ୍ଦପୁର ଓ ପଟାଙ୍ଗୀ ସହରରେ ଶନିବାର ଲାଗିଥିବା ହୋର୍ଡିଂ ହଟାଯାଉଛି।

## ସଂକ୍ଷେପରେ

### ନୂତନ ଖେଳ ପଡ଼ିଆ ପାଇଁ ଅନୁଦାନ

ମାଲକାନଗିରି, ୧୬ା୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ବ୍ଲକ ସିନ୍ଧ୍ରିମାଳ ପଞ୍ଚାୟତ କୁକୁଡ଼ାଗୁଡ଼ା ଗ୍ରାମରେ ନୂତନ ଖେଳ ପଡ଼ିଆ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୨ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ଶନିବାର କୁକୁଡ଼ାଗୁଡ଼ା ଗ୍ରାମବାସୀ ଜିଲା ବିଜେଡି ସଭାପତି ମାନସ ମାଡକାମିଙ୍କୁ ନିମନ୍ତ୍ରଣ କରି ମାଲକାନଗିରି ବ୍ଲକ ଯନ୍ତ୍ରୀ ବିଭୂତି ଭୂଷଣ ରାଉତଙ୍କ ଉପସ୍ଥିତିରେ ଖେଳ ପଡିଆ ସ୍ଥାନ ନିରୂପଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ମିଡିଆ ସଂଯୋଜକ ସଦାନନ୍ଦ ଖରା, ସରପଞ୍ଚ ଘାସି ନାୟକ, ଯୁବନେତା କେ. ରାହୁଲଙ୍କ ସହ ସମସ୍ତ ଖେଳପ୍ରେମୀ ଉପସ୍ଥିତ ଥିଲେ।

### ବିଜାଘାଟିରେ ୨ ବାଇକ୍ ମୁହାଁମୁହିଁ, ଜଣେ ଗୁରୁତର

ମାଲକାନଗିରି, ୧୬ା୩ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜୟପୁର ୩୨୬ ନଂ. ମୁଖ୍ୟ ରାଜପଥ ବିଜାଘାଟି ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ଜଣେ ଗୁରୁତର ହୋଇଛନ୍ତି। ଘଣ୍ଟାଏ ପର୍ଯ୍ୟନ୍ତ ଗୁରୁତର ଜଣକ ରାସ୍ତାରେ ପଡ଼ିଥିଲେ। ତେବେ ଉକ୍ତ ରାସ୍ତା ଦେଇ ଯାଉଥିବା ଗଣମାଧ୍ୟମ ପ୍ରତିନିଧି ରତ୍ନାକର ଦାସ, ଅଶୋକ ମିଶ୍ର ପ୍ରମୁଖ ଆହତଙ୍କୁ ଏକ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଚିକିତ୍ସା ବ୍ୟବସ୍ଥା କରିଥିଲେ। ମାଲକାନଗିରିରୁ ଜୟପୁର ଅଭିମୁଖେ ସନ୍ତୋଷ ମଲିକ ବାଇକ୍‌ରେ ଯାଉଥିବା ବେଳେ ବିଜାଘାଟି ଉଠୁଥିବା ବେଳେ ହଠାତ୍ ଜୟପୁର ପଟୁ ଆସୁଥିବା ଏକ ବାଇକ୍ ଧକ୍କାଦେଇଥିଲା। ଫଳରେ ଯୁବକ ଜଣକ ଛିଟିକି ପଡିଥିଲେ । ତାଙ୍କ ଗୋଡ ଓ ହାତରେ ଆଘାତ ଲାଗିବାରୁ ସେ ଗୁରୁତର ହୋଇଛନ୍ତି। ସନ୍ତୋଷଙ୍କ ଘର ଜୟପୁର ହୋଇଥିବା ବେଳେ ଧକ୍କା ଦେଇଥିବା ଯୁବକ ପଡିଆ ଅଞ୍ଚଳର ସୌରଭ ମୁଖୀ ବୋଲି ଜଣାପଡ଼ିଛି।

### ଗ୍ୟାରେଜରେ ନିଆଁ ଲାଗି ଜିନିଷ ନଷ୍ଟ



ଝରିଗାଁ, ୧୬ା୩(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ସଦରରେ ଥିବା ରମେଶ ହରିଜନଙ୍କ ଗ୍ୟାରେଜରେ ନିଆଁ ଲାଗି ସେଥିରେ ଥିବା ଜିନିଷ ସବୁ ନଷ୍ଟ ହୋଇଯାଇଛି। ଶୁକ୍ରବାର ରାତିରେ ଗ୍ୟାରେଜରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଏହା ଦେଖି କେତେଜଣ ଲୋକ ତୁରନ୍ତ ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ଗ୍ୟାରେଜ ଭିତରେ ବିଭିନ୍ନ ପ୍ରକାର ତେଲ ଥିବା ଯୋଗୁ ନିଆଁ ବଢ଼ିଯାଇଥିଲା। ଲୋକେ ଝରିଗାଁ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଝରିଗାଁରେ ଦମକଳ ଉପଲବ୍ଧ ନ ଥିଲା। ଫଳରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ବିଳମ୍ବରେ ପହଞ୍ଚିଥିଲା। ଗ୍ୟାରେଜରେ ଥିବା ସମସ୍ତ ଜିନିଷ ପୋଡ଼ି ନଷ୍ଟ ହୋଇଥିବା ସୂଚନା ମିଳିଛି।

# ଟେଲିକମ୍ ଉପଭୋକ୍ତା ସଚେତନତା କର୍ମଶାଳା

**ବିଶ୍ୱ ଖାଉଟି ଦିବସ ଉପଲକ୍ଷେ**

ମାଲକାନଗିରି, ୧୬ା୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପରିଷଦ ସଭାଗୃହରେ ବିଶ୍ୱ ଖାଉଟି ଦିବସ ଉପଲକ୍ଷେ ଓକିଲ ସଂଘ ବାର୍ଡ ଭାରତ ସରକାରଙ୍କ ଟ୍ରାଇ ସହଯୋଗରେ ଏକ ଦିନିକିଆ ସାଇବର ନିରାପତ୍ତା ଟେଲିକମ୍ ଗ୍ରାହକ ଅଧିକାର ଓ ଅଭିଯୋଗ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଜୀବିକା ମିଶନ ପ୍ରକଳ୍ପ ଅଧିକାରୀ ପବିତ୍ରପ୍ରଭା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳର ଶତକଡା ୯୫ ଭାଗ ମୋବାଇଲ, ଇଣ୍ଟରନେଟ୍ ଗ୍ରାହକ ବହୁଳ ବ୍ୟବହାର କରୁଛନ୍ତି। କିନ୍ତୁ ସେମାନଙ୍କ ଅଧିକାର ଉପରେ ସଚେତନ ନୁହନ୍ତି ବୋଲି କର୍ମଶାଳାରେ ସଭାପତିତ୍ୱ କରିଥିବା ଖବରଦାତା ଦୁର୍ଯ୍ୟୋଧନ ପାତ୍ର କହିଥିଲେ। ଗ୍ରାମସ୍ତରରେ ସଚେତନତା କାର୍ଯ୍ୟକ୍ରମ କରିବା ଉପରେ ବାର୍ଡ ମୁଖ୍ୟ ପ୍ରକାଶ ଚନ୍ଦ୍ର ସାହୁ ମୋବାଇଲ ଟାୱାରର ବିକରଣ ଅଡିଟ୍ ଓ ପ୍ରତ୍ୟେକ ଟେଲିକମ୍ କମ୍ପାନୀ ଟ୍ରାଇ ନିୟମକାନୁନ ମାନିବାକୁ ପରାମର୍ଶ ଦେଇଥିଲେ।

ଜିଲାର ମାଥିଲି, କାଲିମେଲା, ମାଲକାନଗିର, ପଡ଼ିଆ, ଚିତ୍ରକୋଣ୍ଡା, ଖଇରପୁଟ ଓ କୋରୁକୋଣ୍ଡାର ୧୧୧ ପଞ୍ଚାୟତର ୧୦୪୫ ରାଜସ୍ୱ ଗ୍ରାମର ଅର୍ଦ୍ଧାଧିକ ଗ୍ରାମରେ ଟେଲି କମ୍ପାନୀଙ୍କ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ଓ ବହୁସ୍ଥାନରେ ଟାୱାର ସ୍ଥାପନ ହୋଇ ନ ଥିବାରୁ ସରକାରୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚିବା କଷ୍ଟ ହେବାରୁ ଅଧିକ ଟାୱାର ସ୍ଥାପନ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି।

ଉନ୍ନତମାନର ସେବା ଓ ସମୟାନୁବର୍ତ୍ତିତା ନିର୍ମିତ ଟ୍ରାଇ ନିୟମ କଡ଼ାକଡି ଅଛି। କିନ୍ତୁ ଟେଲି କମ୍ପାନୀ ଖିଲାପକଲେ ଟ୍ରାଇ ନିୟମାନୁସାରେ ପର୍ଯ୍ୟାପ୍ତ ପରିମାଣ ଅର୍ଥ ଦଣ୍ଡ ସହ ଲାଇସେନ୍ସ ରଦ୍ଦ କରାଯିବ। କଡ଼ାକଡ଼ି ନିୟମ ଥିବା ଖାଉଟି କର୍ମୀ ସୁଦାମ ଡାକୁଆ ମତ ଦେଇଥିଲେ। ଦୈନନ୍ଦିନ ସାଇବର କ୍ରାଇମ୍ ବଢ଼ିବାର ଲାଗିଛି। ଏ ନେଇ ସଭାରେ ଦୃଢ଼ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ, ମହିଳା ଜନ ପ୍ରତିନିଧି, ଭିନ୍ନକ୍ଷମ, ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ।



ବୈଠକରେ ଲୋକମାନଙ୍କୁ ସଚେତନ କରାଯାଉଛି ।

# ମାଲକାନଗିରିରୁ ପୁରୀ ଗଲା ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍

ମାଲକାନଗିରି, ୧୬ା୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରରୁ ପୁରୀକୁ ଜଗନ୍ନାଥ ଏକ୍ସପ୍ରେସ୍ ଶୁକ୍ରବାର ଯାତ୍ରାରମ୍ଭ କରିଛି। ଯାତ୍ରୀ ପରିବହନ କ୍ଷେତ୍ରରେ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ଯୁଗାନ୍ତକାରୀ ପଦକ୍ଷେପ ନେଉଥିବା ବେଳେ ମାଲକାନଗିରି ଜିଲାକୁ ଗମନାଗମନର ସୁବିଧାକୁ ଆହୁରି ଅଧିକ ସୁଦୃଢ଼ କରିଛନ୍ତି। କିଛିଦିନ ପୂର୍ବରୁ ମାଲକାନଗିରି ଜିଲାରୁ ପୁରୀକୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ସେବା ଆରମ୍ଭ କରିଥିବା ବେଳେ ଏବେ ସ୍ଲିପର ବସ୍ ବ୍ୟବସ୍ଥା କରିବା ପରେ ଜିଲାରେ ଖୁସି ପ୍ରକାଶ ଯାଇଛି। ଜଗନ୍ନାଥଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଇଚ୍ଛା ରଖୁଥିବା ବେଳେ ଜିଲାବାସୀଙ୍କ ଇଚ୍ଛାକୁ ପୂରଣ କରିବା ସହ ଲୋକେ କିପରି ଆରାମଦାୟକ ଭାବେ ନିଜ ଅଞ୍ଚଳରୁ ପୁରୀକୁ ଯାଇପାରିବେ ସେ ନେଇ ସରକାର ଗୁରୁତ୍ୱ ଦେଉଛନ୍ତି । ଲୋକେ ଠାକୁରଙ୍କୁ ଦର୍ଶନ କରିବାର ସୁବିଧା ହେବା ସହିତ ସଂସ୍କୃତିର ପ୍ରଚାର ପ୍ରସାର ହୋଇପାରିବ।

ବସ୍‌ଟି ମାଲକାନଗିରି ବସ୍‌ଷ୍ଟାଣ୍ଡରୁ ସନ୍ଧ୍ୟା ୬ଟାରେ ବାହାରି ମାଥିଲି, ବୈପାରିଗୁଡ଼ା, ଜୟପୁର, କୋରାପୁଟ୍, ସେମିଳିଗୁଡ଼ା, ଲକ୍ଷ୍ମୀପୁର, ରାୟଗଡ଼ା, ରାମନାଗୁଡ଼ା, ମୋହନା, ଦିଗପହଣ୍ଡି, ବ୍ରହ୍ମପୁର, ଛତ୍ରପୁର, ଖୋର୍ଦ୍ଧା, ଭୁବନେଶ୍ୱର ଓ ମାଳତୀପାଟପୁର ଦେଇ ୭ଟା୫୦ରେ ପୁରୀରେ ପହଞ୍ଚିବ। ସେହିପରି ପୁରୀରୁ ସନ୍ଧ୍ୟା ୬ଟାରେ ବାହାରି ପରଦିନ ସକାଳ ୭ଟା ୫୦ରେ ମାଲକାନଗିରିରେ ପହଞ୍ଚିବ। ଯାତ୍ରୀମାନେ ନିଜ ସିଟ୍‌ରେ ଶୋଇବା ସହ ବସିବା ପାଇଁ ମଧ୍ୟ ଆରାମଦାୟକ ବ୍ୟବସ୍ଥା ରହିଛି। ବସ୍ ଶୁଭାରମ୍ଭ ବେଳେ ମାଲକାନଗିରି ଓଏସ୍‌ଆର୍‌ଟିସି (ଲକ୍ଷ୍ମୀ ବସ୍) ଜିଲା ପରିଚାଳକ ବିଭୁପ୍ରସାଦ ତ୍ରିପାଠୀ ଓ ଓଏସ୍‌ଆର୍‌ଟିସି ଏଟିଏମ୍ ଆରୋସୀ ସାହୁଙ୍କ ସମେତ ଓଏସ୍‌ଆର୍‌ଟିସି କର୍ମଚାରୀ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଏସ୍‌ଆର୍‌ଟିସି ଅଧିକାରୀ ଓ ଅନ୍ୟମାନେ ।

# ବାଇକ୍ ଆମ୍ବୁଲାନ୍ସ ସେବା ବନ୍ଦ, ଦୁର୍ଗମ ଅଧିବାସୀଙ୍କ ଅସନ୍ତୋଷ

ଚିତ୍ରକୋଣ୍ଡା, ୧୬ା୩(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳରେ ଥିବା ଉପାନ୍ତ ଦୁର୍ଗମ ଅପହଞ୍ଚ ଗାଁଗୁଡିକୁ ଗୁରୁତର ରୋଗୀ କିମ୍ବା ଗର୍ଭବତୀଙ୍କୁ ଆଣିବାକୁ ୧୦୮,୧୦୨ କିମ୍ବା ଜନନୀ ଏକ୍ସପ୍ରେସ ପହଞ୍ଚିପାରୁ ନ ଥିଲା। ସେହି ଅପହଞ୍ଚ ଗ୍ରାମରୁ ଅଳ୍ପ କିଛି ବର୍ଷ ହେଲା ଗର୍ଭବତୀ ଓ ଗୁରୁତର ରୋଗୀଙ୍କୁ ବାଇକ୍ ଆମ୍ବୁଲାନ୍ସ ସଙ୍ଗେ ସଙ୍ଗେ ଅଳ୍ପ ସମୟରେ ଏବଂ କମ୍ ଖର୍ଚ୍ଚରେ ଯୋଡ଼ାମ୍ବ ମେଡିକାଲ, ଯାନବାଇ ମେଡିକାଲ ଏବଂ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚାଇପାରୁଥିଲେ। ସେମାନେ କମ୍ ସମୟରେ ମେଡିକାଲରେ ପହଞ୍ଚି ସ୍ୱାସ୍ଥ୍ୟସେବାର ଫାଇଦା ଉଠାଇପାରୁଥିଲେ। ଏହା ସହ ଯେଉଁ ଦୁର୍ଗମ ସ୍ଥାନକୁ ୧୦୮ ଓ ୧୦୨ ଆମ୍ବୁଲାନ୍ସ ଯାଇପାରୁ ନ ଥିଲା କି ସେହି ସ୍ଥାନକୁ ଯିବାକୁ ୧୦୮ ତଥା ୧୦୨ ଆମ୍ବୁଲାନ୍ସ ଯିବାକୁ ୧୦ ରୁ ୧୫ ଲିଟର ତେଲ ଖର୍ଚ୍ଚ ହୁଏ ସେହି ସମାନ ସ୍ଥାନକୁ ବାଇକ ଆମ୍ବୁଲାନ୍ସ ସୁବିଧାରେ ପହଞ୍ଚିବା ସହ ମାତ୍ର ଏକ କିମ୍ବା ଦେଢ଼ ଲିଟର ଭଳି କମ୍ ତେଲ ଖର୍ଚ୍ଚ ହୋଇଥାଏ।

ପ୍ରକାଶଯେ, ଉକ୍ତ ବାଇକ୍ ଆମ୍ବୁଲାନ୍ସଗୁଡ଼ିକୁ ନାବାର୍ଡ ଅନୁଷ୍ଠାନ ସହାୟତା କରିଥିବା ବେଳେ ପରିବର୍ତ୍ତନ ଅନୁଷ୍ଠାନ ପରିଚାଳନା କରୁଥିଲା। କିନ୍ତୁ ପ୍ରକଳ୍ପ ଅବଧି ସରିଯିବା କହି ଉକ୍ତ ବାଇକ ଆମ୍ବୁଲାନ୍ସ ସେବାକୁ କିଛିଦିନ ହେଲା ବନ୍ଦ କରାଯାଇଛି। ଫଳରେ ସ୍ୱାଭିମାନ ଅଞ୍ଚଳ ଅନ୍ତର୍ଗତ ଉପାନ୍ତ ଦୁର୍ଗମ ଅପହଞ୍ଚର ଗର୍ଭବତୀ ଓ ଗୁରୁତର ରୋଗୀମାନେ ମେଡିକାଲ ପଏଣ୍ଟକୁ ଆସିବା କଷ୍ଟକର ହୋଇପଡ଼ିଛି। ଫଳରେ ଅପହଞ୍ଚ ଦୁର୍ଗମ ଅଞ୍ଚଳର ଆଦିବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ଉକ୍ତ ସମସ୍ୟାକୁ ଗୁରୁତ୍ୱ ଦେଇ ପୁନର୍ବାର ବାଇକ୍ ଆମ୍ବୁଲାନ୍ସ ସେବା ଯୋଗାଇଦେବାକୁ ଉପାନ୍ତ ଦୁର୍ଗମ ଅଞ୍ଚଳବାସୀ ଦାବି କରିଛନ୍ତି।



ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ।

## ଯୁବକଙ୍କୁ ହତ୍ୟା ଅଭିଯୋଗ କଲେ ପରିବାର ଲୋକେ

ମାଲକାନଗିରି, ୧୬ା୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ବ୍ଲକ ଏମ୍‌ଭି ୧୦ ଗ୍ରାମର ସଞ୍ଜୟ ବୈରାଗୀ ନାମକ ଯୁବକଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପରିବାର ଲୋକଙ୍କ କହିବାନୁସାରେ ସଞ୍ଜୟ ବିଳମ୍ବିତ ରାତିରେ ଏମ୍‌ଭି ୪୧ ଗ୍ରାମରେ ଏକ ବାହାଘର ଭୋଜିକୁ ଯାଇଥିଲେ। ସେଠାରେ କେତେଜଣ ଯୁବକଙ୍କ ସହ ଯୁକ୍ତିତର୍କ ହୋଇଥିବା ବେଳେ ସେମାନେ ସଞ୍ଜୟଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଫଳରେ ସେ ଜୀବନ ବଞ୍ଚାଇବାକୁ ନିଜ ବାଇକ୍ ଯୋଗେ ଘରକୁ ଫେରୁଥିଲେ। କିନ୍ତୁ ତାଙ୍କୁ ବାଟରେ ଅଟକାଇ କେହି ମାରି ଦେଇଛନ୍ତି ବୋଲି ସଞ୍ଜୟଙ୍କ ଭାଇ ଅଭିଯୋଗ କରିଛନ୍ତି ।

## ବିଦ୍ୟୁତ୍ ଖୁଣ୍ଟରୁ ଖସି ପଡ଼ି ଜଣେ ମୃତ

ଡାବୁଗାଁ, ୧୬ା୩ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ବଡ଼କୋଇଲାରି ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ମୃତ୍ୟୁ ଘଟିଛି। ମୃତକ ହେଲେ ଡାବୁଗାଁ ବ୍ଲକ ଅଧୀନ ବଡକୋଇଲାରି ଗ୍ରାମର ସନସାଏ ଗୌଡ (୩୫)। ସୂଚନାନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ସନସାଏ କୌଣସି କାରଣରୁ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ିଥିଲେ। ଗୋଡ଼ ଖସିଯିବାରୁ ଖୁଣ୍ଟରୁ ତଳେ ପଡ଼ି ସେ ଆହତ ହୋଇଥିଲେ। ପରିବାର ଲୋକେ ରାତିରେ ତାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅଂଶୁମାନ ଦାଶ ଏକ ରିପୋର୍ଟ ଦେଇଥିଲେ। ଡାକ୍ତରଙ୍କ ରିପୋର୍ଟ ଅନୁସାରେ ଥାନା ଏଏସ୍‌ଆଇ ଚନ୍ଦ୍ରଶେଖର ହଜାରୀ ଶନିବାର ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପରିବାରର ଲୋକେ ଥାନାରେ କୌଣସି ଏତଲା ଦେଇନାହାନ୍ତି। ଏନେଇ ଥାନା କେସ୍ ନଂ. ୧୩/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ସର୍ବଶିକ୍ଷା ଅଭିଯାନ ଷ୍ଟାର ଯୋଜନାରେ ଲାପ୍‌ଟପ୍ ବଣ୍ଟନ

ମାଲକାନଗିରି, ୧୬ା୩(ଦୁର୍ଯ୍ୟୋଧନ ପାତ୍ର)

ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଷ୍ଟାର ଯୋଜନାରେ ମାଲକାନଗିରି ଜିଲାରେ ୩ଜଣ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ବଣ୍ଟନ କରାଯାଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାଲକାନଗିରି କଳା ମହାବିଦ୍ୟାଳୟର ଯୁକ୍ତ୨ ଛାତ୍ରୀ ସାଗରିକା ଆଙ୍କା, ପଦ୍ମଗିରି ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ବାପିନା ବୁରୁଡ଼ା, କେଜିଭିବି ନାୟକ ଗୁଡ ବିଦ୍ୟାଳୟର ସୁପ୍ରିୟା ଜେନାଙ୍କୁ ଏହି ଲାପ୍‌ଟପ୍ ବଣ୍ଟନ କରାଯାଇଛି। ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ଷ୍ଟାର ଯୋଜନାରେ ଦିବ୍ୟାଙ୍ଗ ପ୍ରମାଣପତ୍ର ନେଇ ଆଗାମୀ ଦିନରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇ ଦୃଷ୍ଟିବାଧିତଙ୍କ ପାଇଁ ସଙ୍ଗୀତ ସ୍ୱର ଥିବା ଲାପ୍‌ଟପ୍ ପ୍ରଦାନ କରାଯିବ, ଯାହାକି ସେମାନଙ୍କ ଶିକ୍ଷା ପାଇଁ ସହାୟକ ହେବ ବୋଲି ଅନ୍ତର୍ନିବେଶୀ ସଂଯୋଜକ ସମରେନ୍ଦୁ କିଶୋର ମହାପାତ୍ର ପ୍ରକାଶ କରିଛନ୍ତି।

# ତାମିଲନାଡୁକୁ ଦାଦନ ଖଟିବାକୁ ଯାଇ ଯୁବକ ନିଖୋଜ

ନବରଙ୍ଗପୁର, ୧୬ା୩(ସଦାଶିବ ପ୍ରହରାଜ)

ପରିବାରର ଆର୍ଥିକ ସମସ୍ୟା ଦୂରକରିବା ନେଇ ଦାଦନ ଖଟିବାକୁ ତାମିଲନାଡୁ ଯାଇଥିଲେ। କିନ୍ତୁ ସେଠାରେ ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ଏ ନେଇ ପରିବାର ଲୋକେ ଥାନାରେ ଜଣାଇବା ସହ ଶନିବାର ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପଦେଷ୍ଟା ପ୍ରଦୀପ ମାଝିଙ୍କ ବାସଭବନକୁ ଆସି ପୁଅକୁ ଖୋଜି ଆଣିବାକୁ ନିବେଦନ କରିଛନ୍ତି। ନିଖୋଜ ଯୁବକ ହେଲେ କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅଧୀନ ପରସଲା ଗ୍ରାମର କମଳ ଲୋଚନ ହରିଜନ।

ସୂଚନାନୁଯାୟୀ, ବୋରିଗୁମ୍ମା ଥାନା ଅଧୀନ ପରସଲା ଗ୍ରାମର ଗୋବିନ୍ଦ ହରିଜନ ଗତ କିଛି ମାସ ପୂର୍ବେ ଏକ ତତଲା ତେଲ କଡେଇରେ ପଡି ଗୁରୁତର ହୋଇଥିଲେ। ସେ ଦୀର୍ଘ ମାସ ହେବ ଘରେ ପଡି ଚିକିତ୍ସିତ ହେଉଥିଲେ। ତେବେ ପରିବାରର ଆର୍ଥିକ ଅନଟନ ଯୋଗୁ ତାଙ୍କ ୨ ପୁଅ ଭଗତ ଓ କମଳ ଦାଦନ ଖଟିବାକୁ ତାମିଲନାଡୁର ତିରୁପୁରାକୁ ଯାଇଥିଲେ। କମଳ ଘରକୁ ଫେରିବା ପାଇଁ ସେଠାରୁ ଗତ ୧ ତାରିଖରେ ବାହାରିଥିଲେ। କିନ୍ତୁ ସେ ଏବେ ପର୍ଯ୍ୟନ୍ତ ଘରକୁ ଫେରିନାହାନ୍ତି। ଏ କଥା ଜାଣିବା ପରେ ସାନଭାଇ ଭଗତ ତିରୁପୁରାର ଏକ ଥାନାରେ ଏତଲା ଦେଇଥିଲେ। ନିଜ ଗାଁକୁ ଯାଇ ଏତଲା ଦେବା ପାଇଁ ସେଠାକାର ପୋଲିସ କହିବା ପରେ ଭଗତ ୭ ତାରିଖରେ ବୋରିଗୁମ୍ମା ଥାନାରେ କମଳଙ୍କ ନିଖୋଜ ନେଇ ଏତଲା ଦେଇଛନ୍ତି। ଶନିବାର ପରିବାର ଲୋକେ ପ୍ରଦୀପ ମାଝିଙ୍କୁ ଭେଟି ପୁଅକୁ ଖୋଜି ଆଣିବାକୁ ନିବେଦନ କରିଛନ୍ତି।



ଅଭିଯୋଗ ଜଣାଇବାକୁ ଆସିଥିବା କମଳ ଲୋଚନଙ୍କ ପରିବାର ଲୋକ ।

# ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ଚଢ଼ାଉ

- ୨ ଦୋକାନରୁ ଜରିମାନା ଆଦାୟ
- ଭୟରେ ଦୋକାନ, ହୋଟେଲରେ ତାଲା

ତେନ୍ତୁଳିଖୁଣ୍ଟି, ୧୬ା୩(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ଡିପିଏଚ୍‌ଓ ଡାକ୍ତର ନବକିଶୋର ବେହେରା, ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ଅରୁଣ କୁମାର ମହାରଣା ଓ ନନ୍ କମ୍ୟୁନିକେବୁଲ ରୋଗ ସହକାରୀ ପରିଚାଳକ ତରୁଣ କୁମାର ସାହୁ, ବିନୟ ଷଡ଼ଙ୍ଗୀ ଖାତିଗୁଡା ଓ ତେନ୍ତୁଳିଖୁଣ୍ଟିର ବିଭିନ୍ନ ଦୋକାନ ଓ ହୋଟେଲରେ ଚଢ଼ାଉ କରିଥିଲେ। କିନ୍ତୁ ହାତଗଣତି ଦୋକାନ ଛାଡି ଦେଲେ ପ୍ରାୟତଃ ଦୋକାନ ବନ୍ଦ କରିଦେଇଥିବା ଦେଖାଯାଇଥିଲା। ଏହି ଯାଞ୍ଚ ବେଳେ ତେନ୍ତୁଳିଖୁଣ୍ଟିରେ ଗୋଟିଏ ଓ ଖାତିଗୁଡାରେ ଗୋଟିଏ ଦୋକାନ ଉପରେ ଫାଇନ ପକାଇ ୧ ହଜାର ଟଙ୍କା ଆଦାୟ କରାଯାଇଛି। ଚଢ଼ାଉ ସମ୍ପର୍କିତ ଆଗୁଆ ସୂଚନା ପାଇ ବନ୍ଦ ହୋଇଥିଲା ନା ଅନ୍ୟ କାରଣ ତଦନ୍ତ ରହିଛି ତାହାକୁ ନେଇ ସନ୍ଦେହ ଦେଖାଦେଇଛି। ଯଦି ଖାଦ୍ୟ ସାମଗ୍ରୀରେ ତ୍ରୁଟି ରହିଥିବାରୁ ଦୋକାନୀମାନେ ଦୋକାନ ବନ୍ଦ କରିଥିବେ ତେବେ ଏହା ଏକ ଗୁରୁତର ବିଷୟ ବୋଲି ବୁଦ୍ଧିଜୀବୀ କହିଛନ୍ତି। ଫୁଡ୍ ସାର୍ଟିଫିକେଟ ନ ଥିବା ବା ନବୀକରଣ ହୋଇ ନ ଥିବା କାରଣରୁ ବନ୍ଦ ହୋଇଥିଲେ ବିଭାଗ ସଚେତନତା କାର୍ଯ୍ୟକ୍ରମ କରିବା ଉଚିତ ବୋଲି ଚର୍ଚ୍ଚା ହେଉଛି। ଚାମ୍ବର ଅଫ୍ କମର୍ସ ସହ ଯୋଗାଯୋଗ କରି ସଚେତନତା କରିବା ଉଚିତ ବୋଲି ବୁଦ୍ଧୀଜୀବୀ ମତ ଦେଇଛନ୍ତି।




ଏକ ଦୋକାନରେ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଦେଲେ ଏମ୍‌ପି

ନବରଙ୍ଗପୁର/ତେନ୍ତୁଳିଖୁଣ୍ଟି, ୧୬ା୩ (ସଦାଶିବ ପ୍ରହରାଜ /ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ସଦର ବ୍ଲକ ସିନ୍ଧିଗୁଡ଼ା ପଞ୍ଚାୟତ ନୂଆଗଡ଼ରେ ଜିଲା ଯାଦବ ସମାଜକୁ ସରକାରଙ୍କ ତରଫରୁ ୧୫ ଡିସିମିଲ ଜମି ପ୍ରଦାନ କରାଯାଇଥିଲା। ଶନିବାର ଉକ୍ତ ଜମିରେ ଯାଦବ ସମାଜ ପକ୍ଷରୁ ଗରିବ ଓ ମେଧାବୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ ଛାତ୍ରାବାସ ଓ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଜିଲାପାଳ କମଳଲୋଚନ ମିଶ୍ର, ଜିଲା ପରିଷଦ ଜୋନ୍-୧ ସଭ୍ୟ ଦିବ୍ୟଦାନ ସୁନା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଭବିଷ୍ୟତରେ ସମାଜର ପ୍ରତ୍ୟେକ ଉନ୍ନତିମୂଳକ କାର୍ଯ୍ୟରେ ପ୍ରଶାସନ ତଥା ଜନ ପ୍ରତିନିଧିଙ୍କ ସାହାଯ୍ୟ ଓ ସହଯୋଗ ରହିବ ବୋଲି ଅତିଥିମାନେ କହିଥିଲେ। ଯାଦବ ସମାଜ ସଭାପତି ଜ୍ୟୋତିରଞ୍ଜନ କଂସ ମଞ୍ଚ ପରିଚାଳନା କରିଥିଲେ। ଦେବଦାସ ମହାକୁଡ, ଦୈତାରି ମାଝି, ପଞ୍ଚୁନାଥ ପାତ୍ର, ସୈନିକ ଗୌଡ଼, କମଳ ଲୋଚନ ବାଘ, ନବଘନ ଗୌଡ଼, ସହଦେବ ନିଆଲ, ଲଖିନାଥ ରାଉତ, ଟଙ୍କ ଗୌଡ଼, ହରି ଗୌଡ଼, ତ୍ରିନାଥ ଗୌଡ଼, କନେଶ୍ୱର ଗୌଡ଼, ଦୁର୍ଲଭ ଗୌଡ, ପ୍ରହଲ୍ଲାଦ ନାୟକ,ବାବୁ ଯାଦବ ଓ ଅନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

ଏଥିସହ ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ମଧ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କଣ୍ଟାଗାଁରେ ଭତ୍ରା ସମାଜ ସଭାଗୃହ, ପଣସପଦରରେ ଜେଇଏଲ୍ ଚର୍ଚ୍ଚରେ ହଲ୍ ପାଇଁ ଭିତ୍ତିପ୍ରସ୍ତର ଏମ୍‌ପି ମାଝି ଓ ବିଧାୟକ ପ୍ରଧାନୀଙ୍କ ଦ୍ୱାରା କରାଯାଇଛି। ଚରାମୂଳାରେ ରାମମନ୍ଦିର ନିର୍ମାଣ ପାଇଁ ଶୁଭ ଦିଆଯାଇଛି। ଏହି ସମୟରେ ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ସମିତି ସଭ୍ୟ ସୁକାନ୍ତି ମହାନ୍ତି, ସମିତି ସଭ୍ୟ ସୁଧୀର ଖୁରା, ଯୁବ ବିଜେଡି ବ୍ଲକ ସଭାପତି ସୁରେଶ ନାୟକ, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାଗ, ଦୟାନିଧି ବିଷୋୟୀ, ଲଛମନ ଭତ୍ରା , କୁନା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




ନବରଙ୍ଗପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକ ଓ ଅନ୍ୟମାନେ।

# 'ଦୈନିକ ୩୦ ମିନିଟ୍ ହସଖୁସି, ଖେଳ କସରତ କର'

**ଜିଲାସ୍ତରୀୟ ପୋଷଣ ପକ୍ଷ ଶୁଭାରମ୍ଭ**

ନବରଙ୍ଗପୁର, ୧୬ା୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ମିଶନ ଶକ୍ତି ବୈଠକ ଗୃହରେ ଜିଲାସ୍ତରୀୟ ପୋଷଣ ପକ୍ଷ ପାଳନ କରାଯାଇଛି। ଜିଲାପାଳ କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାସ୍ତରୀୟ ପୋଷଣ ପକ୍ଷ ପାଳନର ଶୁଭାରମ୍ଭ କରିଥିଲେ। ପ୍ରତିଦିନ ୩୦ ମିନିଟ୍ ପିଲାଙ୍କ ସହ ହସ ଖୁସି ଓ ଖେଳ କସରତ କରିବାକୁ ଜିଲାପାଳ ପରାମର୍ଶ ଦେବା ସହ ସମସ୍ତଙ୍କୁ ଶପଥପାଠ କରାଇଥିଲେ। ଗର୍ଭବତୀଙ୍କୁ ଠିକ୍ ପୋଷଣ, ଔଷଧ ସେବନ କରାଇବାକୁ ସେ ପରାମର୍ଶ ଦେଇଥିଲେ। ମା' ବାପା ଅଭିଭାବକ ଓ ପିଲାଙ୍କ ଯତ୍ନ ନେଉଥିବା ବ୍ୟକ୍ତିଙ୍କୁ ସଚେତନ କରାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ଜିଲାପାଳ କହିଥିଲେ।

ଆଇଏଫ୍‌ଏ (ଲୌହସାର ବଟିକା) ଓ କୃମିନାଶକ ଔଷଧ ଖାଇବା ଦ୍ୱାରା ଗର୍ଭବତୀ ଓ କିଶୋରୀଙ୍କୁ କିଭଳି ଉପକାର ମିଳିଥାଏ ସେ ସମ୍ପର୍କରେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଚିକିତ୍ସାଧିକାରୀ ମଳୟ ତ୍ରିପାଠୀ କହିଥିଲେ। ଆଇଏଫ୍‌ଏ ସିରଫ ୬ରୁ ୫୯ ମାସ ପିଲାଙ୍କୁ ଠିକ୍ ସମୟରେ ଖୁଆଇଲେ ଶିଶୁର ଶରୀର ସୁସ୍ଥ ରହିବ। ଠିକ୍ ପୋଷଣ ଦ୍ୱାରା ଶରୀରର ଓଜନ ଓ ଉଚ୍ଚତା ବୃଦ୍ଧି ପାଇବ ବୋଲି ସେ କହିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଡିଆଇପିଆର୍‌ଓ ହଳଧର ନିଆଲ, ଜିଲା ସମାଜ କଲ୍ୟାଣ ଅଧିକାରୀ ଶିବାନୀ ଗୁହା ପୋଷଣ ପକ୍ଷ ପାଳନ ଉଦ୍ଦେଶ୍ୟ ଓ ୩ଟି ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ୯ରୁ ୨୩ ତାରିଖ ପର୍ଯ୍ୟନ୍ତ ବ୍ଲକସ୍ତରୀୟ ଓ ଅଙ୍ଗନୱାଡି କେନ୍ଦ୍ରରେ ପୋଷଣ ପକ୍ଷ ପାଳନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଅପହଞ୍ଚ ଇଲାକାର ସମସ୍ତ ହିତାଧିକାରୀଙ୍କୁ ସଚେତନ କରାଇବା ସହିତ ଶିଶୁ ଓ କିଶୋରୀଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ସେ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ। ପୋଷଣ ପକ୍ଷର ସମ୍ମିଳନୀ କକ୍ଷରେ ଜିଲାରେ ୧ବର୍ଷ ଧରି ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କରେ ସୁକାନ୍ତ କୁମାର ପାତ୍ର (ଜିଲା ପୁଷ୍ଟି ପରିଚାଳକ) ଓ ହେମରାଜ ଦଣ୍ଡସେନା (ଜିଲା ପୋଷଣ ସଂଯୋଜକ) ଉପସ୍ଥାପନ କରିଥିଲେ। ସମସ୍ତ ବ୍ଲକରୁ ଆସିଥିବା ପୋଷଣ ସଂଯୋଜକ, ଅଙ୍ଗନୱାଡି କର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ, ଏସ୍‌ଏଚ୍‌ଜି ମହିଳା, ୧୦ ବ୍ଲକର ମଣ୍ଡଳ ପରିଦର୍ଶିକା, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ୩ ଜଣ ପ୍ରୋଗ୍ରାମ ଅଫିସର ଓ ମମତା ସଂଯୋଜକ ବୈଠକରେ ଉପସ୍ଥିତ ଥିଲେ। ଶେଷରେ ନନ୍ଦାହାଣ୍ଡି ସିଡିପିଓ ସ୍ମିତାବାଳା ମହାନ୍ତି ଧନ୍ୟବାଦ ଦେଇଥିଲେ।



ବୈଠକରେ ଜିଲାପାଳ, ଅଧିକାରୀ ଓ ଅନ୍ୟମାନେ।

## ସଂକ୍ଷେପରେ

### ରେଳଧାରଣାରୁ ମିଳିଲା ଯୁବକଙ୍କ ମୃତଦେହ

#### ଟ୍ରେନରୁ ଖସି ମୃତ୍ୟୁ ସନ୍ଦେହ

ମୁନିଗୁଡ଼ା,୧୬।୩ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ଓ ଦହିଖାଲ ରେଳ ଷ୍ଟେସନ ମଧ୍ୟରେ ଶନିବାର ଜଣେ ଯୁବକଙ୍କ ମୃତଦେହ ମିଳିଛି। ଟ୍ରେନରୁ ଖସି ପଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ମୃତକଙ୍କ ହାତରେ କାର୍ତ୍ତିକ ଲେଖା ଥିବା ଏକ ଟାଟୁ ରହିଛି। ଏହାଛଡ଼ା ଏବେ ପର୍ଯ୍ୟନ୍ତ ତାଙ୍କର ପରିଚୟ ମିଳିନାହିଁ। ସୂଚନାନୁଯାୟୀ, ଶନିବାର ସକାଳୁ ଟ୍ରେନ ଲାଇନ କଡ଼ରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ଖବର ମୁନିଗୁଡା ରେଳବାଇ ସୁରକ୍ଷା ବଳର (ଆର୍‌ପିଏଫ୍)କୁ ମିଳିଥିଲା। ଆର୍‌ପିଏଫ୍ ଏସ୍ଆଇ ସ୍ୱୟଂ ପ୍ରକାଶଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲେ। ମୁଣ୍ଡରେ ଅଧିକ ଆଘାତ ଲାଗିଥିବା ଅନୁମାନ କରାଯାଉଛି। ତେବେ ସେ କେଉଁ ଟ୍ରେନରେ,କେଉଁ ସମୟରେ ଓ କିପରି ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି ତାହାର ତଦନ୍ତ ଜାରି ରହିଛି। ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଛି। ମୃତ ଯୁବକଙ୍କ ପକେଟରୁ ବିଜୟୱାଡ଼ାରୁ ଝାରସୁଗୁଡ଼ା ଟିକେଟ ମିଳିଛି। ସେ ଟ୍ରେନରେ ଝାରସୁଗୁଡ଼ା ଯାଉଥିବାବେଳେ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ରେଳବାଇ ସୁରକ୍ଷା ବଳ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

### ନିଖୋଜ ନାବାଳକଙ୍କୁ ଆନ୍ଧ୍ରରୁ ଉଦ୍ଧାର କଲା ପୋଲିସ

ବାଲିମେଳା,୧୬।୩(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସିରାଗୁଡା ଗ୍ରାମର ଜଣେ ନାବାଳକ ପ୍ରାୟ ୧୧ ମାସ ପୂର୍ବେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ବିଶେଷ ସୂତ୍ରରୁ ଖବର ପାଇ ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଅନ୍ଧ୍ରପ୍ରଦେଶ ବିଜୟୱାଡା ନିକଟ କରିସାପାଡୁ ଥାନା ଅଧୀନ ରଭିନୁଥାଲା ଗ୍ରାମରୁ ତାଙ୍କୁ ଉଦ୍ଧାର କରାଯାଇଛି । ଶନିବାର ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ବୟାନ ରେକର୍ଡ ପରେ ତାଙ୍କ ପରିବାର ଲୋକଙ୍କୁ ପୋଲିସ ହସ୍ତାନ୍ତର କରିଛି । ସୂଚନା ଅନୁଯାୟୀ, ୨୯।୬।୨୩ରେ ସିରାଗୁଡା ଗ୍ରାମରେ ଥିବା ହୀରାମଣି କବାସୀ ଓର୍କେଲ ଥାନାରେ ତାଙ୍କର ୧୫ବର୍ଷର ପୁଅ ମଙ୍ଗଳା ନିଖୋଜ ଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ନଂ.୨୦୪/୨୩ ରେ ଏକ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ କରିଥିଲା। ତଦନ୍ତ ପରେ ଟେକଗୁଡା ଗ୍ରାମ ରାମା ମାଢି ନାବାଳକଙ୍କୁ ଦାଦନ ଖଟାଇବାକୁ ଆନ୍ଧ୍ର ପ୍ରଦେଶକୁ ପଠାଇଥିବା ଜଣାପଡିଥିଲା। ଶ୍ରମିକ ଚାଲାଣ ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

### ଅଲ୍ ଓଡ଼ିଆ ଜିପିଏଲ୍ଏଫ୍ କର୍ମୀ ସଂଘ ବୈଠକ

ମୁନିଗୁଡ଼ା,୧୬।୩ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡା ଜିଲା ମୁନିଗୁଡ଼ାସ୍ଥିତ ମୁନିଖୋଲ ଶିବ ମନ୍ଦିର ପରିସରରେ ଅଲ୍ ଓଡ଼ିଆ ଜିପିଏଲ୍ଏଫ୍ କର୍ମୀ ସଂଘ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ସଙ୍ଘର ବ୍ଲକ ସଭାନେତ୍ରୀ ରୂପବତୀ ନାଲା ଓ ସମ୍ପାଦିକା ଅମ୍ବିକା ନାୟକଙ୍କ ମିଳିତ ସଂଯୋଜନାରେ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ସରକାର ଏମ୍‌ବିକେ, ସିଆର୍‌ପି, କୃଷିମିତ୍ର, ପ୍ରାଣୀମିତ୍ର, ବ୍ୟାଙ୍କମିତ୍ର ଓ ଏଲ୍ଏସ୍‌ପିଙ୍କ ଆକାଉଣ୍ଟ ପେ ସହ ଦରମା ବଢାଇ ଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସମେତ ବିଭାଗୀୟ ସଚିବ ଓ ଉପରିସ୍ଥ ଅଧିକାରୀଙ୍କୁ ବୈଠକ ମାଧ୍ୟମରେ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରାଯଇଥିଲା ।ପୂର୍ବରେ ଏମ୍‌ବିକେଙ୍କ ଦରମା ୬୭୫୦ ଟଙ୍କା ଥିବାବେଳେ ବର୍ତ୍ତମାନ ୧୦୭୫୦ ଟଙ୍କା କରାଯାଇଛି। ସିଆର୍‌ପିଙ୍କ ଦରମା ୩୧୦୦ ଟଙ୍କା ଥିବାବେଳେ ବର୍ତ୍ତମାନ ୬୦୦୦, କୃଷିମିତ୍ର ଓ ପ୍ରାଣୀମିତ୍ରଙ୍କ ୩୭୫୦ ଟଙ୍କା ଦରମା ଥିଲା। ବର୍ତ୍ତମାନ ୬୨୫୦ ଟଙ୍କା ରହିଛି। ପୂର୍ବରୁ ବ୍ୟାଙ୍କମିତ୍ରଙ୍କ ୬୭୫୦ ଟଙ୍କା ଥିଲା ବର୍ତ୍ତମାନ ୧୦୭୫୦ ଟଙ୍କା ଦରମା ଘୋଷଣା କରାଯାଇଛି। ଏଲ୍ଏସ୍‌ପିଙ୍କ ପୂର୍ବରୁ ବର୍ଷକୁ ୨୪୦ ଦିନର କାର୍ଯ୍ୟ ପାଇଁ ଦରମା ଥିବାବେଳେ ବର୍ତ୍ତମାନ ସେମାନଙ୍କୁ ମଧ୍ୟ ମାସିକ ୧୦୭୫୦ ଟଙ୍କା ଆକାଉଣ୍ଟ ପେ ସହ ଦରମା ଲାଗୁ କରିଥିବା ସୂଚନା ମିଳିଛି। ବୈଠକରେ ମୁନିଗୁଡ଼ା ବ୍ଲକର ୧୭ ପଞ୍ଚାୟତର ୬ଟି କମ୍ୟୁନିଟି ଷ୍ଟାଫର ଅଲଓଡ଼ିଆ ଜିପିଏଲଏଫ କର୍ମୀ ଯୋଗ ଦେଇଥିଲେ। ବ୍ଲକ ସଭାନେତ୍ରୀ ରୂପବତୀ ନାଲା ଧନ୍ୟବାଦ ଦେଇଛନ୍ତି।

# ପାଣି ପାଇଁ ମହିଳାଙ୍କ ରାସ୍ତାରୋକୋ



ମହିଳାମାନେ ଗରା, ବାଲ୍‌ଟି ରଖି ରାସ୍ତା ଅବରୋଧ କରିଛନ୍ତି।

ରାୟଗଡ଼ା,୧୬।୩(ଆଶିଷ ରଞ୍ଜନ ପଣ୍ଡା)

ବାରମ୍ବାର ଅଭିଯୋଗ କଲେ। ହେଲେ କୌଣସି ସୁଫଳ ମିଳିଲା ନାହିଁ। ଫଳରେ ବାଧ୍ୟହୋଇ ପାଣି ପାଇଁ ଗରା, ବାଲ୍‌ଟି ଧରି ରାସ୍ତା ଅବରୋଧ କଲେ ମହିଳା। ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ନାରାୟଣପୁର ପଞ୍ଚାୟତ ସଦର ଗାଁରେ ଶନିବାର ଏଭଳି ଘଟଣା ଦେଖିବାକୁ ମିଳିଛି। ସରପଞ୍ଚ ଓ ପୋଲିସ ବୁଝାଶୁଝା କରିବା ସହ ପାଣି ଯୋଗାଇବା ନେଇ ପ୍ରତିଶ୍ରୁତି ଦେବାପରେ ମହିଳାମାନେ ରାସ୍ତାରୋକୋରୁ ହଟିଥିଲେ।

ଗାଁରେ ପ୍ରାୟ ୨୦୦ ପରିବାର ବସବାସ କରନ୍ତି। ଜନସଂଖ୍ୟା ଏକ ହଜାରରୁ ଊର୍ଦ୍ଧ୍ୱ। ଗାଁରେ ନଳକୂପ ଖନନ କରାଯାଇଛି। ତେବେ ନଳକୂପ ଖରାପ ଥିବାରୁ ପାଣି ପାଇଁ ଛଟପଟ ହେଉଛନ୍ତି ଗ୍ରାମବାସୀ। ପ୍ରାୟ ୬ ମାସ ହେଲାଣି ନଳକୂପ ଖରାପ ହୋଇଥିଲେ ମଧ୍ୟ ତାହାର ମରାମତି କରାଯାଉ ନ ଥିବା ଅଭିଯୋଗ ହୋଇଛି। ଫଳରେ ଗାଁରେ ପାନୀୟଜଳ ସମସ୍ୟା ଲାଗି ରହୁଛି। ଏ ନେଇ ବାରମ୍ବାର ଜଣାଇବା ସତ୍ତ୍ୱେ କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୀର୍ଘଦିନ ହେବ ଗାଁ ଲୋକେ ମୁନ୍ଦାଏ ପାଣି ପାଇଁ ଛଟପଟ ହେଉଛନ୍ତି। ପାଣି ସମସ୍ୟା ରହିଥିବାରୁ ଗାଁ ନିକଟରେ ଏକ ସୋଲାର ବୋର୍‌ୱେଲ କରାଯାଇଥିଲା। ତାହା ମଧ୍ୟ ୧୦ ଦିନ ପରେ ଠିକ୍ ଭାବରେ କାମ ନ କରିବାରୁ ଲୋକଙ୍କ ପାଇଁ ପାଣି ନିଅଣ୍ଟ ହେଉଛି। ଲୋକମାନଙ୍କୁ ପ୍ରତିଦିନ ପାଣି ପାଇଁ ସଂଘର୍ଷ କରିବାକୁ ପଡୁଛି। ଏହା ବିରୋଧରେ ଶନିବାର ମହିଳାମାନେ ଏକାଠି ହୋଇ ଗରା, ବାଲ୍‌ଟି ଧରି ରଖି ରାସ୍ତା ଅବରୋଧ କରିଥିଲେ। ଖବର ପାଇ ସରପଞ୍ଚ ସୀତାରାମ କାଡ୍ରାକା ଓ କଲ୍ୟାଣସିଂହପୁର ଥାନାଧିକାରୀ ନୀଳକଣ୍ଠ ବେହେରା ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ପାନୀୟଜଳ ସମସ୍ୟା ଦୂର ନ ହେବା ପର୍ଯ୍ୟନ୍ତ ହଟିବୁ ନାହିଁ ବୋଲି ସେମାନେ କହିଥିଲେ। ନଳକୂପ ମରାମତି ହେବା ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି ସରପଞ୍ଚ ସୀତାରାମ କାଡ୍ରାକା କହିଛନ୍ତି। ଏହାପରେ ସେମାନେ ଧାରଣାରୁ ହଟିଥିଲେ।

# କ୍ରିକେଟ କୋଚିଂ ପାଇଁ ଭୁବନେଶ୍ୱର ଯାଇ ଯୁବକ ନିଖୋଜ

**କାଶୀପୁର, ଭୁବନେଶ୍ୱରରେ ଅଭିଯୋଗ କଲେ ପରିବାର**



ଟିକିରି,୧୬।୩(ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ଥାନା ଅନ୍ତର୍ଗତ କଡିକିପଦର ଗ୍ରାମର ଜଣେ ଦଳିତ ଯୁବକ କ୍ରିକେଟ କୋଚିଂ ନେବାକୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ କ୍ଲବରେ ଭର୍ତ୍ତି ହୋଇଥିଲେ। ଆଜକୁ ୧୫ ଦିନ ହେବ ନିଖଜ ପୁଅଙ୍କ ସନ୍ଧାନ ମଲୁ ନ ଥିବାରୁ ପରିବାର ପକ୍ଷରୁ ଭୁବନେଶ୍ୱର ଓ କାଶୀପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଯୁବକ ଜଣକ ହେଲେ କାଶୀପୁର ଥାନା ଅନ୍ତର୍ଗତ କଡିକିପଦର ଗ୍ରାମର ମନୋଜ ନାଏକ(୨୧)। ସେ ଡିସେମ୍ବର ୩୦ରେ କ୍ରିକେଟ କୋଚିଂ ନେବାକୁ ଭୁବନେଶ୍ୱର ଯାଇଥିଲେ। ସେଠାରେ ଓସ୍କାର କ୍ରିକେଟ କ୍ଲବରେ ଭର୍ତ୍ତି ବାୟାମ କରିବାକୁ କୋଚିଂ କ୍ଲବରେ ଯୋଗ ଦେଉଥିଲେ। ପରିବାର ଲୋକ ସହ ଚଳିତ ମାସ ପୂର୍ବରୁ ଯୋଗାଯୋଗ ରହି ଆସୁଥିବା ବେଳେ ମାର୍ଚ୍ଚ ୧ ରୁ ବର୍ତ୍ତମାନ ପର୍ଯ୍ୟନ୍ତ ମନୋଜଙ୍କ ସହ କୌଣସି ଯୋଗାଯୋଗ ହେଇପାରିନାହିଁ। ତାଙ୍କ ମୋବାଇଲ ବନ୍ଦ ଥିବା ଜଣାପଡିଛି। ଏହାକୁ ନେଇ ପରିବାର ଲୋକେ ଉକ୍ତ କ୍ରିକେଟ କ୍ଲବକୁ ଯୋଗାଯୋଗ କରିବାରୁ ଶେଷ ଥର ଚଳିତ ମାସ ୬ ତାରିଖ କ୍ରିକେଟ କ୍ଲବ ଖେଳିବାକୁ ଆସିଥିବା କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ଏହାପରେ ମନୋଜଙ୍କର ଅନ୍ୟ ଜଣେ ସାଙ୍ଗଙ୍କୁ ଫୋନରେ ପଚାରିବାରୁ ଚଳିତ ମାସ ୮ ତାରିଖରେ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ନିକଟ ନୀଳକଣ୍ଠେଶ୍ୱର ମନ୍ଦିର ରେ ଶେଷ ଥର ପାଇଁ ମନୋଜଙ୍କର ଦେଖା ହେଇଥିବା କହିଥିଲେ। ମନୋଜଙ୍କ ବାପା ସୁରେନ୍ଦ୍ର ନାଏକ ଜଣେ ଚାଷୀ । ତାଙ୍କ ଆର୍ଥିକ ଅବସ୍ଥା ସୁଦୃଢ଼ ନ ଥିଲେ ମଧ୍ୟ ପୁଅର ସ୍ୱପ୍ନ ପୂରଣ କରିବାକୁ ସେ ଅଣ୍ଟା ଭିଡିଥିଲେ। ମନୋଜଙ୍କ ଦାଦା ଗୋବର୍ଦ୍ଧନ ନାଏକ ନିଖୋଜ ଥିବା ଏକ ଲିଖିତ ଅଭିଯୋଗ କାଶୀପୁର ଥାନାରେ ଦେଇଥିବା ଜଣାପଡିଛି।

# ୨ ନାମାଙ୍କନପତ୍ର ପ୍ରତ୍ୟାହାର

ଗୁଣପୁର,୧୬।୩(ପ୍ରଦୀପ କୁମାର ପାଢୀ)

- ■ ଗୁଣପୁର ଓକିଲ ସଂଘ ନିର୍ବାଚନ
- ■ କେହି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ଯୁଗ୍ମ ସମ୍ପାଦକ, କୋଷାଧ୍ୟକ୍ଷ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ରାୟଗଡ଼ା ଜିଲା ଗୁଣପୁର ଓକିଲ ସଂଘ ନିର୍ବାଚନ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ। ସମସ୍ତ ପଦ ପଦବୀ ପାଇଁ ୧୦ ଜଣ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଶନିବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ୨ଜଣ ଉପସଭାପତି ପ୍ରାର୍ଥୀ ପ୍ରଶାନ୍ତ କୁମାର ପଟ୍ଟନାୟକ ଏବଂ ଆର୍.ଡି. ମିଶ୍ର ସେମାନଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରି ନେଇଛନ୍ତି। ଅନ୍ୟ ୨ ପ୍ରତିଦ୍ୱନ୍ଦ୍ୱୀ ଗଣେଶ ସାହୁ ଏବଂ ସରୋଜ ପାଣିଗ୍ରାହୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ଯୁଗ୍ମ ସମ୍ପାଦକ ପାଇଁ ସୁରଜ ପାତ୍ର ଏବଂ କୋଷାଧ୍ୟକ୍ଷ ପାଇଁ କୈଳାସ ଶବର ଜଣେ ଲେଖାଏ ନାମାଙ୍କନ ପତ୍ର ଦେଇଛନ୍ତି। ତେଣୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସଭାପତି ପାଇଁ ଗୌରୀଶଙ୍କର ଦାସ, ରାଜେନ୍ଦ୍ର ପ୍ରସାଦ ପାଢ଼ୀ, ଦେବୀ ପ୍ରସାଦ ଆଚାର୍ଯ୍ୟ, ସମ୍ପାଦକ ପାଇଁ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ ଓ ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ନିର୍ବାଚନ ମଇଦାନରେ ରହିଥିବା ନିର୍ବାଚନ ଅଧିକାରୀ ମନୋଜ ରଥ୍ୱାଲୁ ସୂଚନା ଦେଇଛନ୍ତି। ୩୦ ତାରିଖ ସକାଳ ୮ ଟାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ମତଦାନ ହେବ। ୪ଟାରୁ ଭୋଟ ଗଣତି ଏବଂଶେଷରେ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ।

# ୫ ଅଭିଯୁକ୍ତଙ୍କୁ ଗିରଫ କଲା ଝରିଗାଁ ପୋଲିସ

### ଗୁଣିଗାରେଡି ସନ୍ଦେହରେ ବୃଦ୍ଧାଙ୍କୁ ହତ୍ୟା ଘଟଣା

ଝରିଗାଁ,୧୬।୩(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବେଲଗାଁ ପଞ୍ଚାୟତ ଅଧୀନ କେନ୍ଦୁଗୁଡ଼ା ଗ୍ରାମରେ ଜଣେ ବୃଦ୍ଧାଙ୍କୁ ହତ୍ୟା କରାଯାଇଥିବା ନେଇ ୧୧ ତାରିଖରେ ଝରିଗାଁ ଥାନାରେ ମାମଲା ରୁଜୁ ହୋଇଥିଲା। ପୋଲିସ ଏହି ଘଟଣାରେ ସମ୍ପୃକ୍ତ ପାଞ୍ଚ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କେନ୍ଦୁଗୁଡ଼ା ଗ୍ରାମର ସାରଥୀ ସାନ୍ତା,ମୁଗୁରୀ ସାନ୍ତା,ପାଇକ ସାନ୍ତା,ଚମ୍ପା ସନ୍ତା,କାଜଳୀ ସାନ୍ତା। ସୂଚନାନୁଯାୟୀ, କେନ୍ଦୁଗୁଡ଼ା ଗ୍ରାମର ରଇବାରୀ ସନ୍ତା(୬୦) ଗୁଣିଗାରେଡି କରୁଥିବା ସନ୍ଦେହରେ ଗତ ୭ ତାରିଖରେ ଗାଁର ସାରଥୀ ସାନ୍ତା, ସ୍ତ୍ରୀ କାଜଳୀ ସାନ୍ତା, ମୁଗୁରୀ ସାନ୍ତା, ସ୍ତ୍ରୀ ଚମ୍ପା ସାନ୍ତା, ଲଖି ସାନ୍ତା,ପଲାଦୁ ସାନ୍ତା,ମାତିରି ସାନ୍ତା ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହାପରେ ରଇବାରଙ୍କୁ ମୁଗୁରୀ ସନ୍ତାଙ୍କ ଘରକୁ ନେଇଥିଲେ। ସେହିଦିନଠାରୁ ରଇବାରୀ ଘରକୁ ଫେରିନଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ୧୧ ତାରିଖରେ ରଇବାରୀ ସାନ୍ତାଙ୍କୁ ମାରି ପୋତି ଦିଆଯାଇଥିବା ଜାଣିବା ପରେ ଜାଣିବା ତାଙ୍କ ଝିଅ ବୁଲୁଲି ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଝରିଗାଁ ପୋଲିସ କେସ ନମ୍ବର ୫୪/ ୨୩ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ହତ୍ୟାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଝରିଗାଁ ଥାନାଧିକାରୀ ତପନ କୁମାର ପତି ସୂଚନା ଦେଇଛନ୍ତି।




# ହାର୍ଡୱେର ଦୋକାନରେ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟର ଚଢ଼ାଉ



ଅଧିକାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି।

ରାୟଗଡ଼ା,୧୬।୩(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ନ୍ୟୁ କଲୋନିସ୍ଥିତ ଫେୟାର ଡିଲ୍ କର୍ପୋରେଶନ ହାର୍ଡୱେର ଦୋକାନରେ ଶନିବାର ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଚଢ଼ାଉ କରାଯାଇଛି। ଟିକସ ଫାଙ୍କିବା ଅଭିଯୋଗରେ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଡେପୁଟି କମିଶନର ତୁଫାନ ବେମାଲଙ୍କ ନେତୃତ୍ୱରେ ଏହି ଚଢ଼ାଉ ହୋଇଛି। ୫ ଜଣିଆ ଟିମ୍ ଏହି ଚଢ଼ାଉ କରିଛନ୍ତି। ୨୦୧୮ରୁ ସମସ୍ତ ନଥିପତ୍ର ଯାଞ୍ଚ କରାଯାଉଛି। ଏଥିସହ ଅଫିସ୍‌ଠାରୁ ଦୂରରେ ରହିଥିବା ଗୋଦାମରେ ମଧ୍ୟ ଷ୍ଟକ୍ ଯାଞ୍ଚ କରାଯାଇଥିବା ସୂଚନା ମିଳିଛି। ଦୋକାନୀ ଜିଏସ୍‌ଟି ଅଧିକାରୀଙ୍କୁ ଯାଞ୍ଚରେ ସହାୟତା କରି ନ ଥିବାରୁ ପୋଲିସର ସହାୟତା ନିଆଯାଇଥିଲା। ପୋଲିସ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛି। ଖବରଦାତାଙ୍କ ପ୍ରବେଶ ଉପରେ ମଧ୍ୟ କଟକଣା ଜାରି କରାଯାଇଥିଲା। ସମସ୍ତ ନଥିପତ୍ର ଜବତ କରି ଷ୍ଟକ୍ ଯାଞ୍ଚ ହେଉଛି। ତାହାର ତାଳମେଳ ରହୁଛି ନା ନାହିଁ ଅନୁଧ୍ୟାନ ପରେ ରିଟର୍ନ ଯାଞ୍ଚ କରାଯିବ। ସବୁ ମେଳ କରିବା ପରେ ଜରିମାନା ଆଦାୟ ହେବ ବୋଲି ଜିଏସ୍‌ଟି ଡେପୁଟି କମିଶନର ବେମାଲ କହିଛନ୍ତି।

# ଅନିଲ ସିଂହ ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଅତିଥି ଓ ଅନ୍ୟମାନେ।

ଜେକେପୁର,୧୬।୩(ନିଧି ଗାଣ୍ଡେଚା)

ଅନିଲ ସିଂହ ମେମୋରିଆଲ ଆନ୍ତଃ ରାଜ୍ୟ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ଜେ.କେ ସ୍ପୋର୍ଟସ କ୍ଲବ ଓ ଜେ.କେ କାଗଜ କଳ ମିଳିତ ସହଯୋଗରେ ଶନିବାର ଆରମ୍ଭ ହୋଇଛି। ଏହି ଟୁର୍ନାମେଣ୍ଟ ମାର୍ଚ୍ଚ ୨୩ ତାରିଖ ପର୍ଯ୍ୟନ୍ତ ଜେ.କେ ସ୍ପୋର୍ଟସ କ୍ଲବ କ୍ରିକେଟ୍ ଖେଳ ପଡିଆରେ ଚାଲିବ। ଟୁର୍ନାମେଣ୍ଟରେ ମୋଟ ୧୨ କ୍ରିକେଟ୍ ଟିମ୍ ବିଭିନ୍ନ ରାଜ୍ୟରୁ ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଏମ୍.ଆର୍. କେ. ରାୟ ବରିଷ୍ଠ ପ୍ରବନ୍ଧକ (ମେକାନିକାଲ) ଜେକେ କାଗଜ କଳ ମୁଖ୍ୟ ଅତିଥି ଏବଂ ପି. ଗୌରୀ ଶଙ୍କର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଆଖପାଖ ପଞ୍ଚାୟତର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପ୍ରତିଦିନ ୨ଟି ଲେଖାଏ ମ୍ୟାଚ ଅନୁଷ୍ଠିତ ହେବ। ବିଜେତା ଟିମ୍‌କୁ ୧ ଲକ୍ଷ, ଉପବିଜେତାଙ୍କ ପାଇଁ ୫୦ ହଜାର, ମ୍ୟାନ ଅଫ ଦି ମ୍ୟାଚ୍, ମ୍ୟାନ ଅଫ ଦି ସିରିଜ୍ ପାଇଁ ଆକର୍ଷଣୀୟ ପୁରସ୍କାର ଘୋଷଣା କରାଯାଇଛି।

ଆଜି ପ୍ରଥମ ଦିନରେ ୨ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ଡେଥ୍ ୱାରିଅର୍ ରାୟଗଡ଼ା ସହ ଭାଇଜାକ୍ ସୁପର ନୋଭସ୍ ବିଶାଖାପାଟଣା ଓ ଦ୍ୱିତୀୟ ମ୍ୟାଚ ବଲାଙ୍ଗୀର-୧୧ ସହ ଏମ୍.ଏସ୍.କେସି.ଡି.ସି.ସି ବିଜୟନଗର ମଧ୍ୟରେ ମ୍ୟାଚ ଖେଳା ଯାଇଥିଲା। ମ୍ୟାଚଗୁଡ଼ିକୁ ଜେକେପୁର ସ୍ଥାନୀୟ ବାସିନ୍ଦା ଓ ଆଖପାଖ ଗ୍ରାମର ଲୋକମାନେ ଉପଭୋଗ କରିଥିଲେ।

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ, ଜରିମାନା

ରାୟଗଡ଼ା,୧୬।୩(ଆଶିଷ ରଞ୍ଜନ ପଣ୍ଡା)

**ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଓ ହତ୍ୟା ଘଟଣା**

ଜଣେ ୧୨ବର୍ଷୀୟା ନାବାଳିକାଙ୍କୁ ଅପହରଣ ଓ ହତ୍ୟା ଅଭିଯୋଗରେ ପୋକ୍ସୋ ଅଦାଲତ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦେବାକୁ ପୋକ୍ସୋ କୋର୍ଟ ଜଜ୍ ଶ୍ୱେତା ମିଶ୍ର ରାୟ ଶୁଣାଇଛନ୍ତି। ୨୭ ଜଣଙ୍କ ସାକ୍ଷୀଙ୍କୁ ଶୁଣି ଅଦାଲତ ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ହେଲେ ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ବନ୍ଦ୍ରୀ ଗ୍ରାମର ସେବା ବାଘସିଂ।

ଘଟଣାରୁ ପ୍ରକାଶ ଯେ, ଚନ୍ଦ୍ରପୁର ଥାନା ଅଞ୍ଚଳର ନାବାଳିକା ନିଜ ଭାଇଙ୍କ ସହ ମେଳାକୁ ଯାଇଥିଲେ। ଅଭିଯୁକ୍ତ ବାଘସିଂ ସେମାନଙ୍କୁ ଚକଲେଟ ଦେଇ ଘରରେ ଛାଡ଼ିଦେବେ କହି ନାବାଳିକାଙ୍କ ଭାଇକୁ ଛାଡି ତାଙ୍କୁ ନେଇ ଚାଲିଯାଇଥିଲେ। ନାବାଳିକାଙ୍କ ଭାଇ ଘରକୁ ଯାଇ ବାପା ଓ ମା'ଙ୍କୁ କହିବା ପରେ ଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଖୋଜାଖୋଜି ପରେ ନାବାଳିକାର ମୃତଦେହ ମିଳିଥିଲା। ପାରିପାର୍ଶ୍ୱିକ ସ୍ଥିତିକୁ ଅନୁଧ୍ୟାନ କରି ପୋଲିସ ବଳାତ୍କାର ସହ ହତ୍ୟା ଅଭିଯୋଗରେ ଅଭିଯୁକ୍ତ ବାଘସିଂକୁ ଗିରଫକରି କୋର୍ଟ ଚାଲାଣ କରିଥିଲା। ସରକାରୀ ଓକିଲ ବିରଜା ପ୍ରସାଦ ପାତ୍ର ଏହି ମାମଲା ପରିଚାଳନା କରିଥିଲେ।

# ହାକୁଶପଙ୍ଗା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ



ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଚନ୍ଦ୍ରପୁର,୧୬।୩ (ବିଜୟ ପ୍ରସାଦ ଉଲାକା)

ରାୟଗଡା ଜଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତ ଅଧୀନ ସରକାରଙ୍କ ଏସ୍ଏସ୍‌ଡି ବିଭାଗର ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରଦୀପ୍ତ କୁମାର ଦଳାଇ, ସମ୍ମାନିତ ଅତିଥି ଭାବେ ସ୍କୁଲ ସଭାପତି ବୁଗୁଡୁ ଦିବାକା, ସିଆରସିସି ହରେକୃଷ୍ଣ ଶବର, ପ୍ରଧାଶିକ୍ଷୟତ୍ରୀ ଉର୍ମିଳା ପିଡ଼ିକି, ଜଲା ଶିକ୍ଷା ନିରୀକ୍ଷକ ଶ୍ୟାମଘନ ଭୁୟାଁ, ଚନ୍ଦ୍ରପୁର ଗୋଷ୍ଠୀ ଶିକ୍ଷାଅଧିକାରୀ ଗଣେଶ ଶବର, ସରପଞ୍ଚ ଭୀମ ଗୋଗୋରେଙ୍ଗା, ସହକାରୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସରୋଜ ନାୟକ, ଏବିଇଓ ଉମାକାନ୍ତ ମିଶାଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ, କବାଡି, ଉଚ୍ଚଡିଆଁ, ଲମ୍ଫ ଡିଆଁ, ବକ୍ତୃତା, ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ବିଭିନ୍ନ ଟ୍ରଫି ସହ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ସ ଶେଷରେ ଉପସ୍ଥିତ ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ସହ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା।

# ମରାମତି ହେଲାନି ରାସ୍ତା, ବିଛେଇ ହୋଇପଡିଛି ଗୋଡ଼ି

ଉମରକୋଟ, ୧୬।୪(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ସହରର ଗୁଳିପାଟଣା ସାହିର ରାସ୍ତା ସମ୍ପୂର୍ଣ୍ଣ ଖରାପ ହୋଇ ପଡିଛି। ୭ବର୍ଷ ତଳେ ତିଆରି କରାଯାଇଥିବା ରାସ୍ତାରୁ ପିଚୁ ଉଠିଗଲାଣି। ରାସ୍ତା ସାରା ଗୋଡି ବିଛେଇ ହୋଇ ପଡ଼ିଛି। କିନ୍ତୁ ଏହା ପୌର ପୌରପରିଷଦ ନଜରକୁ ଆସିପାରିଲାନାହିଁ। ରାଜ୍ୟ ସରକାର ଗାଁ ଠୁ ସହର ପର୍ଯ୍ୟନ୍ତ ବିକାଶର ନାରା ଦେଇ ଯୋଜନା ପ୍ରସ୍ତୁତ କରୁଛନ୍ତି। କିନ୍ତୁ ୧୦ନମ୍ବର ୱାର୍ଡର ଗୁଳିପାଟଣା ସାହି ଏହାର ବ୍ୟତିକ୍ରମ। ପୌର ନିର୍ବାଚନ ପୂର୍ବରୁ ସହରର ସମସ୍ତ ସମସ୍ୟା ସମାଧାନ କରାଯିବ ବୋଲି ପୌରାଧ୍ୟକ୍ଷା ରାଧା ଭତ୍ରା ଭୋଟରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଜିତିବା ପରେ ଗୁଳିପାଟଣାର ଏହି ରାସ୍ତାଟି ମରାମତି ହୋଇପାରିଲା ନାହିଁ।

ସୂଚନାନୁଯାୟୀ ଗୁଳିପାଟଣା ସାହିର ଗୋଟିଏ ଲାଇନର ୮୦୦ ମିଟର ଲମ୍ବା ରାସ୍ତା ଉପରୁ ସମ୍ପୂର୍ଣ୍ଣ ପିଚୁ ଉଠି ଗଲାଣି। ରାସ୍ତା ସାରା ଗୋଡି ବିଛେଇ ହୋଇ ପଡ଼ିଛି। ପୌରାଞ୍ଚଳର ସମସ୍ତ ୱାର୍ଡର ରାସ୍ତା ମରାମତି କରାଗଲା। କିନ୍ତୁ ଗୁଳିପାଟଣା ସାହିର ଏହି ରାସ୍ତାକୁ ମରାମତି ହୋଇପାରିଲା ନାହିଁ। ଗୁଳିପାଟଣାକୁ କାହିଁକି ଅବହେଳା କରାଯାଉଛି ବୋଲି ତତ୍କାଳୀନ ପୌରନର୍ବାହୀ ଅଧିକାରୀଙ୍କୁ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ପ୍ରଶ୍ନ କରିଥିଲେ। ଗୁଳିପାଟଣା ସାହିର କାଉନସିଲର ଭାଜପାର ହୋଇଥିବାରୁ ଅବହେଳା କରାଯାଉଛି କି ବୋଲି ସେ ପ୍ରଶ୍ନ କରିଥିଲେ। କିଛିଦିନ ମଧ୍ୟରେ ଉମରକୋଟ ସହରର ଗ୍ରାମଦେବୀ ମା ପେଣ୍ଡ୍ରାଣୀଙ୍କ ନବ ଦିନ ଯାତ୍ରା ଆରମ୍ଭ ହେବ। ଚୋଟଛୋଟ ଯୁବତୀ କଳସ ମୁଣ୍ଡରେ ଧରି ଖାଲି ପାଦରେ ଚାଲି ଚାଲି ଗୁଳିପାଟଣା ଆସିବେ। ରାସ୍ତାର ଦୂରାବସ୍ଥା ଯୋଗୁ ଚାଲିବା କଷ୍ଟକର ହେବ ବୋଲି ବୁଦ୍ଧିଜୀବୀ କହିଛନ୍ତି। ଶନିବାର ନିର୍ବାଚନ ତାରିଖ ଘୋଷଣା ହୋଇଗଲା। ବର୍ତ୍ତମାନ ଆଚରଣ ବିଧି ଲାଗୁ ହେବ। ତେଣୁ ଟେଣ୍ଡର ହୋଇ ପାରିବ ନାହିଁ। ଫଳରେ ମରାମତି କାମ ବିଳମ୍ବ ହେବାର ଆଶଙ୍କା ରହିଛି। ଏ ନେଇ ପୌରାଧ୍ୟକ୍ଷା ରାଧା ଭତ୍ରାଙ୍କୁ ପଚାରିବାରୁ କାଉନସିଲର ମିଟିଙ୍ଗରେ ରାସ୍ତା ମରାମତି ନେଇ ପ୍ରସ୍ତାବ ପାରିତ ହୋଇଛି। ନିର୍ବାଚନ ପରେ ମରାମତି କରିଦିଆଯିବ ବୋଲି ସେ କହିଛନ୍ତି। କିନ୍ତୁ ବିଶେଷ ସୂତ୍ର ମିଳିଥିବା ସୂଚନାନୁଯାୟୀ ରାସ୍ତା ପାଇଁ କାଉନସିଲ ମିଟିଙ୍ଗରେ ରିଜୋଲେସନ ହୋଇନଥିବା ଜଣାପଡ଼ିଛି। ଏହା ମଧ୍ୟରେ ଗୁଳିପାଟଣା ରାସ୍ତା କେବେ ମରାମତି ହେଉଛି ତାହା ଦେଖିବା ବାକି ରହିଲା ବୋଲି ବୁଦ୍ଧିଜୀବୀ କହିଛନ୍ତି।



ଗୁଳିପଟଣା ସାହିର ରାସ୍ତା ।